



୨୧/୨/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୭୦,୯୨୩/- ସୁନା: ୦୫.୧୦୦ ଗ୍ରାମ୍ ରୁପା: ୭୨.୭୦୦ ଗ୍ରାମ୍

# ସିଟି ଶ୍ରୀକ୍ଷେତ୍ର

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ, ୨୧।୨(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି (ଶ୍ରୀମୁଖ ଶୃଙ୍ଗାର) କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ୫ରେ ଦ୍ୱିତୀୟ ଭୋଗମଣ୍ଡପ ବଢ଼ିବା ପରେ ତଡ଼ପଲାଗି ଏବଂ ୬ଟା ୫୦ରେ ପହୁଡ଼ ଆଳତି ହୋଇଥିଲା। ଏହାପରେ ସନ୍ଧ୍ୟା ୭ଟା ୨୦ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପାରିଶ୍ରମିକ ବୃଦ୍ଧି ଦାବି କଲେ ପାଚିକା

ପୁରୀ, ୨୧।୨(ସମିସ): ପୂର୍ବରୁ ପାଚିକାମାନେ ମାସିକ ୧, ୪୦୦ ଟଙ୍କା ପାଉଥିଲେ। ନିକଟରେ ସରକାର ଆଉ ୬୦୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଏବେ ସେମାନଙ୍କର ପାରିଶ୍ରମିକ ହୋଇଛି ୨୦୦୦ ଟଙ୍କା। କିନ୍ତୁ ଏହା ସର୍ବନିମ୍ନ ମଜୁରୀଠାରୁ କମ୍ ବୋଲି କହିଛି ପୁରୀ ଜିଲ୍ଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘ। ସେମାନଙ୍କୁ ସର୍ବନିମ୍ନ ମଜୁରି ଆକାରରେ ପାରିଶ୍ରମିକ ଦେବା ପାଇଁ ଦାବି କରିଛନ୍ତି। ସେହିପରି ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କ ଅବସର ବୟସ ସୀମା ୬୨ ବର୍ଷ ହୋଇଥିବାବେଳେ ପାଚିକାଙ୍କୁ ୬୦ ବର୍ଷ ବୟସରେ ଅବସର ନେବାକୁ ପଡୁଛି। ତେଣୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏସବୁ ଦାବି ପୂରଣ କରିବାକୁ ଜିଲ୍ଲା ସଂଘ କହିଛି। ନଚେତ୍ ଆଗାମୀ ଦିନରେ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ କାମ ବନ୍ଦ କରାଯିବ ବୋଲି ପୁରୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ପୁରୀ ଜିଲ୍ଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ସଭାପତି ପୀତବାସ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ବିରିୟାନୀରେ ନିଶାଦେଇ ଟ୍ରେନ୍ ଯାତ୍ରୀଙ୍କୁ ଲୁଟ୍

ପୁରୀ, ୨୧।୨(ସମିସ): ଟ୍ରେନ୍‌ରେ ଯାତ୍ରୀଙ୍କୁ ନିଶାଦେଇ ଜଣେ ଯାତ୍ରୀଙ୍କଠାରୁ ସମସ୍ତ ଜିନିଷପତ୍ର ଲୁଟ୍ କରାଯାଇଛି। ସମ୍ପୃକ୍ତ ଯାତ୍ରୀ ଅଚେତ୍ ଅବସ୍ଥାରେ ପୁରୀ ରେଳ ଷ୍ଟେସନରେ ପହଞ୍ଚିବା ପରେ ଜିଆର୍‌ପି ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ଯାତ୍ରୀ ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଞ୍ଚଳର ସୁଶାନ୍ତ ଦାସ। ସୂଚନା ଅନୁଯାୟୀ, ସୁଶାନ୍ତ ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ନୂଆଦିଲ୍ଲୀରୁ ଆସୁଥିଲେ। ସେ କଟକରେ ଓହ୍ଲାଇଥାନ୍ତେ। ମଙ୍ଗଳବାର ରାତି ୯ଟାରୁ ୧୦ଟା ମଧ୍ୟରେ ଟାଟାନଗରରୁ ଜଳେଶ୍ୱର ଷ୍ଟେସନ ମଧ୍ୟରେ କେହି ଦୁର୍ବୃତ୍ତ ତାଙ୍କୁ ବିରିୟାନୀରେ ନିଶା ମିଶାଇ ଖାଇବାକୁ ଦେଇଥିଲେ।

**ମୁମୂର୍ଷୁ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**

ସେ ଖାଇବା ପରେ ଅଚେତ୍ ହୋଇପଡ଼ିଥିଲେ। ତାଙ୍କ ଜିନିଷପତ୍ର ଦୁର୍ବୃତ୍ତ ଲୁଟ୍ କରିବା ପରେ ସୁଶାନ୍ତ ଅଚେତ୍ ଅବସ୍ଥାରେ ବୁଧବାର ସକାଳେ ପୁରୀ ଷ୍ଟେସନରେ ପହଞ୍ଚିଥିଲେ। ତାଙ୍କୁ ଜିଆର୍‌ପି ଥାନା ପୁଲିସ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ସଦସ୍ୟ ପହଞ୍ଚିବା ପରେ ତାଙ୍କ ହେପାଜତରେ ସୁଶାନ୍ତଙ୍କୁ ଛଡ଼ାଯାଇଛି ବୋଲି ପୁଲିସ କହିଛି।

### ଆଚାର୍ଯ୍ୟ ହରିହର ଶିଶୁ ଭବନର ପ୍ରତିଷ୍ଠା ଦିବସ

## ‘ତ୍ୟାଗ ଓ ସାଧୁତାର ପ୍ରତୀକ ଥିଲେ ଆଚାର୍ଯ୍ୟ ହରିହର’

ପୁରୀ/ସାକ୍ଷୀଗୋପାଳ, ୨୧।୨(ସମିସ):



ସାକ୍ଷୀଗୋପାଳସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରରେ ବୁଧବାର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ ମହାପାତ୍ର ପ୍ରତିଟି ପିଲା କଠୋର ପରିଶ୍ରମ କରି ନିଜର ଲକ୍ଷ୍ୟ ହାସଲ ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଆଚାର୍ଯ୍ୟ ହରିହରଙ୍କ ଜୀବନ ଆଦର୍ଶ ତ୍ୟାଗ ଓ ସାଧୁତାର ଜୀବନ ଥିଲା। ଏହାକୁ ଅନୁସରଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭନାରାୟଣ ଶତପଥୀ ଓ ସୁନନ୍ଦା ବାହିନୀପତି ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ରହିଛି। ତାହାର ଉପଯୋଗ କରି ନିଜର ପରିଚୟ ସୃଷ୍ଟି ଲାଗି ଅଧ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଏଥିରେ ଅଧ୍ୟକ୍ଷତା କରିବା ସହ ଅନୁଷ୍ଠାନ ପ୍ରତିଷ୍ଠା ସମୟର କଥା, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅନୁଷ୍ଠାନରେ ବର୍ତ୍ତମାନ ୨୫ ଜଣ ପିଲା ରହୁଛନ୍ତି। ଏହାକୁ ୫୦ ଜଣ ପିଲା ରହିବା ପାଇଁ ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମହାପାତ୍ର ଏ ସମ୍ପର୍କରେ ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜଲକ୍ଷ୍ମୀ ଦାଶ, ବିଥିକା କର, ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତା, କର୍ମଚାରୀ ଓ ଅନ୍ତେବାସୀ ଯୋଗଦେଇଥିଲେ।

## ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ପୁରୀ, ୨୧।୨(ସମିସ): ଆଚାର୍ଯ୍ୟ ବ୍ୟାୟାମ ଓ କ୍ରୀଡ଼ା ଅନୁଷ୍ଠାନ, ଆଚାର୍ଯ୍ୟ ହରିହର ବିଦ୍ୟାନିକେତନ ପକ୍ଷରୁ ବୁଧବାର ଆଚାର୍ଯ୍ୟ ହରିହରଙ୍କ ସ୍ମୃତିଚାରଣ କରାଯାଇଛି। ପ୍ରଥମେ ଏକ ଶୋଭାଯାତ୍ରା ବିଦ୍ୟାଳୟଠାରୁ ଆଚାର୍ଯ୍ୟ ହରିହର ଛକସ୍ଥିତ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଅନୁଷ୍ଠାନର ସଭାପତି ବିଶିଷ୍ଟ ସଙ୍ଗଠକ ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ପାଦକ ଅନାମ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଗୀତିକାର ବଦ୍ରି ମିଶ୍ର, ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ସାହିତ୍ୟିକ ବିପିନ ବିହାରୀ ଦଳାଇ, ସଂଯୋଜକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଆଚାର୍ଯ୍ୟଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା, ସେବା, ଶୃଙ୍ଖଳିତ ଜୀବନାଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଆଚାର୍ଯ୍ୟ ହରିହର ବୋଲି ଅତିଥିମାନେ କହିଥିଲେ।

## ଅଗ୍ନିଶମ କେନ୍ଦ୍ର ସମ୍ମୁଖରେ ଆଗ୍ନିକଙ୍କ ଧାରଣା

ପୁରୀ, ୨୧।୨(ସମିସ): ସମଗ୍ର ରାଜ୍ୟବ୍ୟାପୀ ଅଗ୍ନିଶମ କର୍ମଚାରୀ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ପୁଲିସ ସହ ସମାନ ଦରମା ଏବଂ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ପଞ୍ଜୀକରଣ ଆଦି ଦୁଇଟି ମୁଖ୍ୟ ଦାବିରେ ପୁରୀ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି। ଓଡ଼ିଶା ଅଗ୍ନିଶମ ସେବା କର୍ମଚାରୀ ଓଡ଼ିଶା ପୁଲିସ ସିପାହୀ ସ୍ତରରେ ଦରମା ପାଉଛନ୍ତି। କିନ୍ତୁ ବାକି ଦୁଇଟି ସ୍ତର ପଦବୀରେ ଥିବା ଆଗ୍ନିକ, ଡ୍ରାଇଭର, ହାବିଲଦାରଙ୍କ ଦରମାରେ ଦରମା ପାଉଛନ୍ତି। ଖରା, ବର୍ଷା, ଶୀତକୁ ଖାତିର ନକରି ସେମାନେ ୨୪ ଘଣ୍ଟିଆ ଜରୁରୀକାଳୀନ ସେବା ଯୋଗାଉଥିଲେ ମଧ୍ୟ ସେମାନଙ୍କ ଦରମା ବୃଦ୍ଧି କରାଯାଉନାହିଁ। ଏଭଳି ପାତର ଅନ୍ତର ନୀତି ପ୍ରତିବାଦରେ ଗତବର୍ଷ ଡିସେମ୍ବର ୧୧ରୁ ଜାନୁୟାରୀ ୨୨ ତାରିଖ ଯାଏ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ଏହା ସତ୍ତ୍ୱେ ସେମାନଙ୍କ ଦାବି ପୂରଣ ହୋଇ ନ ଥିବାରୁ ସେମାନେ ବାଧ୍ୟହୋଇ ପୁଣି କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି ବୋଲି ଆଗ୍ନିକ ଶଶିକାନ୍ତ ମୁଦୁଲି କହିଛନ୍ତି।

## ସ୍ୱର୍ଗ ରଥ ଲୋକାର୍ପିତ

ପୁରୀ, ୨୧।୨(ସମିସ): ବୁଧବାର ସର୍କିଟ ହାଉସ୍‌ଠାରେ ରାଜ୍ୟ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏକ ସ୍ୱର୍ଗ ରଥକୁ



ଲୋକାର୍ପଣ କରିଛନ୍ତି। ପୁରୀ ପୁରୁଣା ସଦର ଥାନା ଅଞ୍ଚଳ ନିବାସୀ ସ୍ୱର୍ଗତ ପ୍ରଫେସର ସୁବୋଧ ନନ୍ଦଙ୍କ ଧର୍ମପତ୍ନୀ ତଥା ସମାଜସେବୀ, ସାହିତ୍ୟିକା, ଜ୍ୟୋତିଷ ଶାସ୍ତ୍ର ବିଶାରଦ ସ୍ୱର୍ଗତ ତିଳୋତ୍ତମା ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍ୱର୍ଗ ରଥକୁ ତାଙ୍କ ପରିବାର ପକ୍ଷରୁ ସ୍ୱର୍ଗଦ୍ୱାର ସେବା ସମିତିକୁ ପ୍ରଦାନ କରାଯାଇଥିଲା। ନନ୍ଦ ପରିବାର ପକ୍ଷରୁ ଅବସରପ୍ରାପ୍ତ ଆଇଏଏସ୍ ଡ. ସୁଦୀପ କୁମାର ନନ୍ଦ, ନୀଳିମା କର, ଇଳିମା କର, ଡ. ସିଲିମା ନନ୍ଦ ପ୍ରମୁଖ ଏହି ରଥ ପ୍ରଦାନରେ ସହଯୋଗ କରିଥିଲେ। ହସ୍ତାନ୍ତର ସମୟରେ ନୀଳିମା କର ଓ ଉଦ୍ୟୋଗପତି ବଦ୍ରି ମହାପାତ୍ର ଉପସ୍ଥିତ ଥିଲେ। ଏହି ସ୍ୱର୍ଗ ରଥ ପୁରୀବାସୀଙ୍କ ସେବାରେ ଉପଲବ୍ଧ ହେବ ଓ ଏହାର ସଦୁପଯୋଗ କରିବାକୁ ସେମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଜିଲ୍ଲାପାଳ ବିଜୟ କୁମାର ଦାଶ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସ୍ୱର୍ଗଦ୍ୱାର ସେବା ସମିତି ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ, ସ୍ୱର୍ଗଦ୍ୱାର ମୁଖ୍ୟ ସେବକ ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଛନ୍ଦଶାସ୍ତ୍ର ସମ୍ପର୍କିତ ରାଷ୍ଟ୍ରୀୟ କର୍ମଶାଳା ଉଦ୍‌ଯାପିତ



ପୁରୀ, ୨୧।୨(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ଆୟୋଜିତ ଛନ୍ଦଶାସ୍ତ୍ର ସମ୍ପର୍କିତ ସପ୍ତଦିବସୀୟ ରାଷ୍ଟ୍ରୀୟ କର୍ମଶାଳା ବୁଧବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ପୃଷ୍ଠପୋଷକତାରେ ଏବଂ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବିଷୟ ବିଶେଷଜ୍ଞ ରୂପେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଆଚାର୍ଯ୍ୟ ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର, ସଦାଶିବ ପରିସରର ପ୍ରାକ୍ତନ ପ୍ରଫେସର ସୂର୍ଯ୍ୟମଣି ରଥ, ରାମକୃଷ୍ଣ ମିଶନ ମହାବିଦ୍ୟାଳୟ, ସଂସ୍କୃତ ବିଭାଗାଧ୍ୟକ୍ଷ ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ରୂପେ ଡ. ତନ୍ମୟ କୁମାର ଭଟ୍ଟାଚାର୍ଯ୍ୟ, ରାମକୃଷ୍ଣ ମିଶନ ମହାବିଦ୍ୟାଳୟ ନରେନ୍ଦ୍ରପୁରର ଅଧ୍ୟାପକ ଡ. ନାରାୟଣ ଦାଶ, ଆଦର୍ଶ ମହାବିଦ୍ୟାଳୟ ଦେଓଘରର ଅଧ୍ୟାପକ ଡ. ବସନ୍ତ କୁମାର ମୁଦ୍ରା, ସଦାଶିବ ପରିସରର ପ୍ରଫେସର କିଶୋର କୁମାର ଦଳାଇ, ପ୍ରଫେସର ସୁଶାନ୍ତ କୁମାର ରାଜ, ଡ. ରାଘବେନ୍ଦ୍ର ପାଠକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ପୋଷକ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ମୁରଲୀକ୍ରିଷ୍ଣା ଏବଂ ଉପଦେଷ୍ଟା ଧର୍ମଶାସ୍ତ୍ର ବିଭାଗର ବରିଷ୍ଠ ପ୍ରଫେସର ଲଳିତ କୁମାର ସାହୁ ଥିବାବେଳେ ସଂଯୋଜକ ଥିଲେ ସଦାଶିବ ପରିସରର ପ୍ରଫେସର ଧର୍ମେନ୍ଦ୍ର କୁମାର ସିଂହଦେଓ। ଏହି କର୍ମଶାଳାରେ ଗୁରୁ ଲଘୁ ବିଚାର, ବର୍ଣ୍ଣବୃତ୍ତମ, ଶ୍ଳୋକ ଲିଖନ, ସମସ୍ୟାପୂର୍ତ୍ତି, ଶ୍ଳୋକାଭ୍ୟାସ, ପ୍ରସାର କର୍ମ, ଛନ୍ଦ ପରମ୍ପରା, ଗଣ ବିଚାର, ଯତିପାତ ବିଚାର, ଛନ୍ଦ ଗାୟନ ପ୍ରଭୃତି ଉପରେ ଅଧ୍ୟାୟୀ ତଥା ଗବେଷକ ଗବେଷିକାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ମା’ ଭୁବନେଶ୍ୱରୀ ସାଂସ୍କୃତିକ ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ

ପୁରୀ, ୨୧।୨(ସମିସ): ମା’ ଭୁବନେଶ୍ୱରୀ ସାଂସ୍କୃତିକ ଉନ୍ନୟନ ପରିଷଦ ପକ୍ଷରୁ ୨୨ତମ ବାର୍ଷିକ ଉତ୍ସବ ଅବକାଶ ଲେନ୍‌ସ୍ଥିତ ଭୁବନେଶ୍ୱରୀ କ୍ଲବ ପ୍ରାଙ୍ଗଣରେ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଦୁଇଦିନ ଉତ୍ସବର ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କୁନି କୁନି ପିଲା ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ଓଡ଼ିଶୀ ନୃତ୍ୟ ସହ ଶ୍ରୀରାମ ଭଜନ ଗାଇଥିଲେ। ଏହି ଅବସରରେ କୁନି କୁନି ପିଲାଙ୍କୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ପୁରସ୍କୃତ କରିଥିଲେ। ଏହାକୁ ନେଇ ଗତ ୧୮ ତାରିଖରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣ କରିଥିବା ସବୁ ପିଲାଙ୍କୁ ମଧ୍ୟ ଏହି ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସମସ୍ତ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଆକର୍ଷଣ କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ର ଯୋଗଦେଇ ଆଧ୍ୟାତ୍ମିକ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ମା’ ଭୁବନେଶ୍ୱରୀ ସାଂସ୍କୃତିକ ଉନ୍ନୟନ ପରିଷଦର ସଭାପତି ପ୍ରେମାନନ୍ଦ ବେହେରା, ସମ୍ପାଦକ ରାମକୃଷ୍ଣ ସ୍ୱାଇଁ, ଉପସଭାପତି ଅକ୍ଷୟ ମିଶ୍ର ପ୍ରମୁଖ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ମାତୃଭାଷା ଦିବସ ପାଳିତ

## ‘ମାତୃଭାଷା ଯେତେ ସମୃଦ୍ଧ ସେ ଜାତି ସେତେ ସବଳ’

ପୁରୀ, ୨୧।୨(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପୁରୀ ଆନୁକୂଲ୍ୟରେ ପରିସରରେ ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ବୁଧବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଫେସର କେ.ଭି. ସୋମୟାଜୁଲୁଙ୍କ ଦ୍ୱାରା ପବିତ୍ର ବେଦଧ୍ୱନିରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦୁର୍ଗାପ୍ରସାଦ ଦାସ ମହାପାତ୍ର ଏବଂ ମୁଖ୍ୟଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ ଯେ, ମାତୃଭାଷା ଗୋଟେ ଜାତିର ପରିଚୟ, ଯାହାର ମାତୃଭାଷା ଯେତେ ସମୃଦ୍ଧ ସେ ଜାତି ସେତେ ସବଳ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କଥାକାର ତଥା ଗୀତିକାର ବଦ୍ରି ମିଶ୍ର ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ଭାବେ ସ୍ଥାପିତ କରିଥିବା ଇଂରେଜ ପ୍ରଶାସକ ଜନ୍ ବିମସ୍‌ଙ୍କ ଅବଦାନକୁ ସ୍ମରଣ କରିବା ସହ ଆଜିର ବୈଦ୍ୟୁତିକ ଗଣମାଧ୍ୟମ ଓ ସଙ୍ଗୀତରେ ଓଡ଼ିଆ ଭାଷା ଅସୁରକ୍ଷିତ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ଯଥାକ୍ରମେ ଆଧୁନିକ ବିଭାଗର ବିଭାଗାଧ୍ୟକ୍ଷା ତଥା କାର୍ଯ୍ୟକ୍ରମର ସଂଯୋଜକ ଡ. ସ୍ୱାଗତିକା ମହାନ୍ତି ଏବଂ ସହ ସଂଯୋଜକ ଡ. ରୁଦ୍ରପ୍ରସାଦ ମିଶ୍ର। ସ୍ୱାଗତ ସମ୍ଭାଷଣ ତଥା ଅତିଥି ପରିଚୟ ଦେଇଥିଲେ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ପରିସରର ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଫେସର ଲଳିତ କୁମାର ସାହୁ, ପ୍ରଫେସର ମିନତି ରଥ, ପ୍ରଫେସର ବିଜୟପାଲ କଚ୍ଛୱା, ପ୍ରଫେସର ରମାକାନ୍ତ ମିଶ୍ର, ପ୍ରଫେସର ଗୌରପ୍ରିୟା ଦାଶ, ଡ. ପ୍ରିୟରଞ୍ଜନ ରଥ, ସୁଶାନ୍ତ କୁମାର ଶତପଥୀଙ୍କ ସମେତ ପରିସରର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଧ୍ୟାୟୀମାନେ ଯୋଗଦେଇଥିଲେ। ମାତୃଭାଷା ଦିବସ ଉପଲକ୍ଷେ କରାଯାଇଥିବା ବକ୍ତୃତା ପ୍ରତିଯୋଗିତାରେ ସଫଳତା ପାଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ସ୍ୱରୂପ ପୁସ୍ତକ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## ଆରମ୍ଭ ହେଲା ‘ବାଏ ଅଫ୍’

ପୁରୀ, ୨୧।୨(ସମିସ):




ଚକ୍ରତୀର୍ଥ ରୋଡସ୍ଥିତ ସ୍ୱର୍ଣ୍ଣାଭ ବେଳାଭୂମିରେ ବୁଧବାରଠାରୁ ଆରମ୍ଭ ହୋଇଛି ୫ ଦିନିଆ ବାଏ ଅଫ୍ (ବ୍ରିଙ୍ଗ ୟୋର୍ ଓନ ଫିଲ୍ମ ଫେଷ୍ଟିଭାଲ)। ଇରାନରୁ ଆସିଥିବା ନାଜାନିନ ଏହି ଚଳଚ୍ଚିତ୍ର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଏ ଅଫ୍‌ର ମୁଖ୍ୟ ସୁଶାନ୍ତ ମିଶ୍ର, ତରଙ୍ଗ ପ୍ଲସ ଓଟିଟି ମୁଖ୍ୟ ଲିସିଥା ପଣ୍ଡା, ପ୍ରଶାସନ ମୁଖ୍ୟ ରବୀନ୍ଦ୍ର କିଶୋର ସାହୁ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ପୁରୀର ଯୁବ ଫିଲ୍ମ ନିର୍ମାତା ଆଶୁତୋଷ ପଟ୍ଟନାୟକଙ୍କ ପୁରୀର ଜାଗା ଆଖଡ଼ା ସଂସ୍କୃତିକୁ ନେଇ ହୋଇଥିବା ୨୭ ମିନିଟର ଜାଗା ଆଖଡ଼ା ଡକ୍ୟୁମେଣ୍ଟାରୀ ପ୍ରଥମେ ସ୍କ୍ରିନିଂ ହୋଇଥିଲା। ଏହାପରେ ସୈଫ କିଡୱାଇଙ୍କ ୫ଟି ଚଳଚ୍ଚିତ୍ର (ହିଟ୍, ଦିଲ୍ଲୀ ଏନ୍‌ସିଆର ଫୋକ୍‌ଲୋର, ତାକତ୍ କି ଫୋକ୍‌ଲୋର, ପାୱାର ଫର୍ ଅଲ୍ ଏବଂ ସଙ୍କି ଦରୋଗା ସ୍କ୍ରିନିଂ ହୋଇଥିଲା। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ ବିଭାଗର ଛାତ୍ରଛାତ୍ରୀ, ସଂସ୍କୃତି ଓ ଚଳଚ୍ଚିତ୍ରପ୍ରେମୀ ଯୋଗଦେଇ ଏ ସବୁ ଚଳଚ୍ଚିତ୍ରର ମଜା ନେଇଥିଲେ।

ବାଏ ଅଫ୍ କମିଟି ସନ୍, ସ୍ୟାଣ୍ଡ ଆଣ୍ଡ ସ୍କ୍ରିନ ଏଭଳି ଏକ ଅଭିନବ ପ୍ରୟାସ ଜାରି ରଖିଛି। ବିଶେଷକରି ଯୁବ ନିର୍ମାତା, ପ୍ରଯୋଜକ ଓ ଚଳଚ୍ଚିତ୍ର ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଖୋଲା ମଞ୍ଚରେ ସୁଯୋଗ ଦେବା ପାଇଁ ୨୧ ବର୍ଷ ତଳେ ଏହି ଫିଲ୍ମ ଫେଷ୍ଟିଭାଲ ପରିକଳ୍ପନା କରାଯାଇଥିଲା। ଚଳିତ ବର୍ଷ ସମଗ୍ର ଦେଶ ଓ ଦେଶ ବାହାରୁ ୬୦ଟି ଚଳଚ୍ଚିତ୍ର ସ୍କ୍ରିନିଂ ହେବ। ଏଥିସହ ଏହି ପାଞ୍ଚଦିନ ବ୍ୟାପୀ ଉତ୍ସବରେ ଦେଶ ତଥା ଦେଶ ବାହାରୁ ଚଳଚ୍ଚିତ୍ର ସହ ଜଡ଼ିତ ୩୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ। ବାଏ ଅଫ୍‌ର ବିଶେଷତ୍ୱ ହେଉଛି ଏହି ଚଳଚ୍ଚିତ୍ର ମହୋତ୍ସବରେ କୌଣସି ମନୋନୟନ, ଜୁରୀ କିମ୍ବା ପୁରସ୍କାର ନାହିଁ। ଉଭୟ ଅଭିଜ୍ଞ ଓ ଯୁବ ଫିଲ୍ମ ନିର୍ମାତା, ପ୍ରଯୋଜକଙ୍କ ସମାହାର ଏହି ଫିଲ୍ମ ମହୋତ୍ସବରେ ଦେଖିବାକୁ ମିଳିଥାଏ। ନିଜ ନିଜ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା, ଭାଷା, ଚାଲିଚଳଣୀ, ଉତ୍ସବ ଓ ପର୍ବପର୍ବାଣି ତଥା ବିଭିନ୍ନ ସମୟରେ ଘଟୁଥିବା ଘଟଣାବଳୀ ଓ ପ୍ରସଙ୍ଗଙ୍କୁ ନେଇ ପ୍ରସ୍ତୁତ ହୋଇଥିବା କ୍ଷୁଦ୍ର, ପ୍ରାମାଣିକ ଓ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ଏହି ମହୋତ୍ସବରେ ସ୍କ୍ରିନିଂ ହେବ। ଆଜିର ଯୁବ ଫିଲ୍ମ ନିର୍ମାତାମାନେ ଅଭିଜ୍ଞଙ୍କଠାରୁ ଅନୁଭୂତି ଓ ଜ୍ଞାନ ଆହରଣ କରିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିବେ।

## ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# 'ବିକାଶ ପାଇଁ ବଦଳିଛି ଗ୍ରାମାଞ୍ଚଳର ଚିତ୍ର'




**ଅସ୍ତରଙ୍ଗ, ୨୧।୨(ସମିସ):**

ଅସ୍ତରଙ୍ଗ ବ୍ଲକରେ ବୁଧବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଶେଷ ଦିନରେ ମାଣ୍ଡୁକି ଓ ଆଳାଙ୍ଗପୁର ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୨ଟି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ସମ୍ମାନିତ ଅତିଥି ଭାବେ ୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ସରସ୍ୱତୀ ସ୍ୱାଇଁ, ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମାଣ୍ଡୁକି ପଞ୍ଚାୟତର ଚକରପଡ଼ା ଛକ ନିକଟରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ସରପଞ୍ଚ ରୋଜାଲିନ ଜେନା, ସମିତି ସଭ୍ୟ ଗଗନ କାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ସାଂସଦ ପ୍ରତିନିଧି ଚମ୍ପକ ବାରିକ ଉପସ୍ଥିତ ଥିଲେ। ସେହିପରି ଆଳାଙ୍ଗପୁର ପଞ୍ଚାୟତର ଖେଳ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଭାନୁପ୍ରିୟା ଭୋଳ, ସମିତି ସଭ୍ୟା କୌଶଲ୍ୟା ଲେଙ୍କା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହେବା, ଶିକ୍ଷାକ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ, ଗମନାଗମନ ମାର୍ଗର ଉନ୍ନତିକରଣ, ପାନୀୟ ଜଳ ପ୍ରକଳ୍ପ, ସେତୁ ନିର୍ମାଣ ଆଦି କ୍ଷେତ୍ରରେ କାକଟପୁର-ଅସ୍ତରଙ୍ଗ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ବେହେରା ଓ ମଞ୍ଚାସୀନ ଅତିଥିମାନେ ମତ ରଖିଥିଲେ।

**କୋଣାର୍କ:** କୋଣାର୍କ ଏନ୍ଏସି କଲ୍ୟାଣ ମଣ୍ଡପ ପରିସରରେ ବୁଧବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ପଦ୍ମଚରଣ ବେଉରା, କାଉନସିଲର ସ୍ୱପ୍ନାରାଣୀ ଗୋଛାୟତ, ଗନ୍ଧର୍ବ ସେନାପତି, ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦ ନମ୍ବର ୱାର୍ଡର ବସ୍ତିବାସିନ୍ଦା ସାମିଲ ହୋଇଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ସହିତ ଆଗାମୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।





**ନିମାପଡ଼ା:** ନିମାପଡ଼ା ବ୍ଲକ ଭୋଗଶାଳଦା ପଞ୍ଚାୟତରେ ଆଜି 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ, ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ଉଚ୍ଚ ବିଦ୍ୟାଳୟ ଗୁଡିକର ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ ଆଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ସାଂସଦ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, କଳାପାଞ୍ଚଣ ପଞ୍ଚାୟତ ବିଜେଡି ସଭାପତି ଅଭିମନ୍ୟୁ ପଣ୍ଡା, ଭୋଗଶାଳଦା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ସ୍ୱପ୍ନେଶ୍ୱର ଲେଙ୍କା, ସରପଞ୍ଚ ବିଶ୍ୱନାଥ ସେନାପତି, ବ୍ଲକ କନିଷ୍ଠ ଯନ୍ତ୍ରୀ ଗୌରଙ୍ଗ ସେଠୀ, ପିଇଓ ପୁଷ୍ପକାନ୍ତ ଦାଶଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍ଏଚ୍‌ଜି ଗ୍ରୁପ୍‌ର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**କାକଟପୁର/ଗମ୍ଭାରୀପଦା:** କାକଟପୁର ବ୍ଲକର ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକର ଓଥକା, ସରପଞ୍ଚ କୁନିଲତା କାଣ୍ଡି, ଅବଦାନ ସରପଞ୍ଚ ଲକ୍ଷ୍ମୀପ୍ରିୟା ସେଣ, କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ, ସୁହାଗପୁର ସରପଞ୍ଚ ଶେଖ ଅବୁବତାର ଓ କଣ୍ଟାପଡ଼ା ସରପଞ୍ଚ ରୀନା ନାୟକଙ୍କ ସହଯୋଗ କ୍ରମେ ଆୟୋଜିତ ୪ଟି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିରରେ ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ସାହୁ, ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରାଣକୃଷ୍ଣ ମଲ୍ଲିକ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ବିଏଲଏଫର ସଭାନେତ୍ରୀ ଚାରୁଲତା ଖୁଣ୍ଟିଆ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଯୋଗଦେଇ ସମାଜର ସବୁବର୍ଗ ଓ ଜଗନ୍ନାଥ ସଂସ୍କୃତିର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଉପରେ ମତ ରଖିଥିଲେ। ସମାଜସେବୀ ରମେଶ ଚନ୍ଦ୍ର ପାତ୍ର, ଉଦୟଭାନୁ ସାହୁଙ୍କ ସୁସଂଗଠିତ ପରିଚାଳନା ଦ୍ୱାରା ଉପରୋକ୍ତ ପଞ୍ଚାୟତଗୁଡ଼ିକରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ସମାପନ ହୋଇଥିବା ମଣ୍ଡଳ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି।




## ଗୋପିକାନ୍ତପୁରରେ ଅଷ୍ଟପ୍ରହରୀ



**ନୟାହାଟ, ୨୧।୨ (ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବରୀ ପଞ୍ଚାୟତ ଗୋପିକାନ୍ତପୁରରେ ଚଳିତ ବର୍ଷ ବାସୁଦେବ ପୀଠରେ ୨୪ତମ ବାର୍ଷିକ ଅଷ୍ଟପ୍ରହରୀ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମସଂକୀର୍ତ୍ତନରେ ସହଯୋଗ କରିଥିଲେ। ସକାଳୁ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ମହାଆଳତି କରାଯାଇଥିଲା। ଏହି ମହାଆଳତି ଦର୍ଶନ ପାଇଁ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ନାବାଳିକା ଆତ୍ମହତ୍ୟା ମାମଲା; ଅଭିଯୁକ୍ତ ଗିରଫ

**କୋଣାର୍କ, ୨୧।୨(ସମିସ):** ଗତ ୧୮ ତାରିଖରେ କୋଣାର୍କ ଥାନା ଅର୍ନ୍ତଗତ ମାଟିଆପଡ଼ା ଗ୍ରାମରେ ନାବାଳିକା ଆତ୍ମହତ୍ୟା ମାମଲାରେ ମଳୟ ରଞ୍ଜନ ମହାନ୍ତିକୁ ବୁଧବାର କୋଣାର୍କ ପୁଲିସ ଗିରଫ କରି କୋଣାର୍କ କୋର୍ଟ ଚାଲାଣ କରିଛି। ବାପା ନିଜର ଝିଅକୁ ଦୁଷ୍କର୍ମ କରିବା ପରେ ଝିଅ ଲଜ୍ଜା ସହି ନପାରି ଆତ୍ମହତ୍ୟା କରିଥିବା ଝିଅର ମା' ଥାନାରେ ଅଭିଯୋଗ କରିଥିଲେ। କୋଣାର୍କ ପୁଲିସ ୨୯/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କୋଣାର୍କ ମାଧିପୁର ଛକ ନିକଟରେ ମଳୟ ବୁଲୁଥିବା ସୂଚନା ପାଇ ପୁଲିସ ତାକୁ ଗିରଫ କରିଥିଲା।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଙ୍ଗୁରିଗାଁ, ୨୧।୨(ସମିସ):** କାକଟପୁର ବ୍ଲକ ଶ୍ରୀଚନ୍ଦନପୁର ଗ୍ରାମରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଗ୍ରାମର ଯୋଗେନ୍ଦ୍ର ଜେନା(୭୫)ଙ୍କ ଘର ପାଖରେ ପ୍ରବଳ ଦୁର୍ଗନ୍ଧ ହେବାରୁ ଲୋକମାନେ ତାଙ୍କ ଘରକୁ ଯାଇ ଦେଖିବାରେ ଘର ଭିତରେ ଛାତ ହୁକରେ ସେ ଝୁଲନ୍ତା ଅବସ୍ଥାରେ ରହିଥିଲେ। ପୁଅ ବୋହୂ ଅଲଗା ରହୁଥିବାରୁ ବୃଦ୍ଧ ଜଣକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ଲୋକେ କହିଛନ୍ତି। ତାଙ୍କ ସ୍ତ୍ରୀ ମାନସିକ ଭିନ୍ନକ୍ଷମ ହୋଇଥିବାରୁ ତାହା ଜାଣି ନପାରି ସେହି ଘରେ ଚଳପ୍ରଚଳ କରି ମଧ୍ୟ ସେ କାହାକୁ ଜଣାଇ ନାହାନ୍ତି। ଖବର ପାଇ କାକଟପୁର ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ସୁଧୁରୁନି ପାନୀୟଜଳ ସମସ୍ୟା; ଧାରଣା ଦେଲେ ଗ୍ରାମବାସୀ

**ଚାରିଛକ, ୨୧।୨(ସମିସ):** ଗ୍ରାମରେ ପାନୀୟ ଜଳ ନ ପହଞ୍ଚିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପାନୀୟଜଳ ପ୍ରକଳ୍ପକୁ ଦୀର୍ଘ ସମୟଧରି ତାଲା ପକାଇ ପ୍ରକଳ୍ପ ସମ୍ମୁଖରେ ଧାରଣାରେ ବସିଥିଲେ। ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତରେ ସ୍ୱଜଳ ଧାରା ଯୋଜନାରେ ୮୦ ହଜାର ଲିଟର ବିଶିଷ୍ଟ ଏକ ପାନୀୟଜଳ ପ୍ରକଳ୍ପ ଗତ ୩ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ମାତ୍ର ଉକ୍ତ ପ୍ରକଳ୍ପରୁ ଏହି ପଞ୍ଚାୟତ ଅନ୍ତର୍ଗତ ଛଣିଜଙ୍ଗ ଦଳିତ ସାହିକୁ ପାନୀୟ ଜଳ ନ ପହଞ୍ଚିବାରୁ ଆଜି ଗ୍ରାମବାସୀ ପ୍ରକଳ୍ପ କାର୍ଯ୍ୟାଳୟରେ ତାଲା ପକାଇବା ସହ ପ୍ରକଳ୍ପ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ପଞ୍ଚାୟତର ଖୋରଡ, ଛଣିଜଙ୍ଗ, ଲଙ୍କପଡ଼ା, ଆଇଁଶିମୂଳ ଆଦି ଗ୍ରାମର ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ୫ ଦିନ ତଳେ ଏହି ପାଣି ସମସ୍ୟାକୁ ନେଇ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଧାରଣାରେ ବସିଥିଲେ। ସ୍ଥାନୀୟ ସରପଞ୍ଚ ଧାରଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୫ଦିନ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ନହେବାରୁ ଆଜି ପୁନର୍ବାର ଗ୍ରାମବାସୀ ଧାରଣାରେ ବସିଥିଲେ। ଖବର ପାଇ ପାନୀୟଜଳ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏକ ସପ୍ତାହ ମଧ୍ୟରେ ଗ୍ରାମକୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାସ୍ଥଳରୁ ଉଠିଯାଇଥିଲେ।



## ଗଛରେ ପିଟିହେଲା ବସ୍; ହେଲପର୍ ଗୁରୁତର



**ଅସ୍ତରଙ୍ଗ, ୨୧।୨ (ସମିସ):** ମଙ୍ଗଳବାର ରାତି ପ୍ରାୟ ୩ଟା ସମୟରେ ପୁରୀରୁ ଅସ୍ତରଙ୍ଗ ଆସୁଥିବା ଏକ ଘରୋଇ ବସ୍ କୁହୁଡ଼ି ଛକ ପେଟ୍ରୋଲ ପମ୍ପ ନିକଟରେ ଏକ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ କୌଣସି ଯାତ୍ରୀ ନଥିବାବେଳେ ହେଲପର୍ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଅସ୍ତରଙ୍ଗ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି।



## ତୁଳସୀପୁରରେ ଖୋଲିଲା ନୂଆ ଦୁଗ୍ଧ କମ୍ପାନୀ

**ନୟାହାଟ, ୨୧।୨(ସମିସ):** ହେରିଟେଜ୍ ଫୁଡ୍ସ୍ ଲିମିଟେଡ କମ୍ପାନୀ ତରଫରୁ ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର୍ ବଜାରରେ ଏକ ନୂଆ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଖୋଲା ଯାଇଛି। ଏହି କେନ୍ଦ୍ରକୁ କମ୍ପାନୀର ଓଡ଼ିଶା ମୁଖ୍ୟ ବିଶ୍ୱଜିତ୍ ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ତୁଳସୀପୁର ଶାଖାର ମୁଖ୍ୟ ସୁଶାନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ନୂତନ ଦୁଗ୍ଧ କମ୍ପାନୀ ପୁରୀ ଜିଲ୍ଲାରେ ଗୋ-ଚାଷୀଙ୍କ ଉନ୍ନତି କରିବା ସହିତ ଦୁଗ୍ଧର ଉଚିତ୍ ମୂଲ୍ୟ ପ୍ରଦାନ କରିବ। ସିଧାସଳଖ ଗୋ-ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ଯିବ। ଏହା ସ୍ଥାନୀୟ ଗୋ-ଚାଷୀଙ୍କର ମନୋବଳ ବୃଦ୍ଧିରେ ସହାୟକ ହେବ ବୋଲି ହେରିଟେଜ କମ୍ପାନୀର ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମୀର ଗୁରୁ, ସନ୍ତୋଷ ସାହୁ, ସନ୍ତୋଷ କୁମାର ଦାସ ଯୋଗେସର ରାଓ, ମନମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୌଭାଗିନୀ ଗୋପ ବ୍ଲକର ଶ୍ରେଷ୍ଠ ଶିକ୍ଷୟିତ୍ରୀ

**କୋଣାର୍କ, ୨୧।୨(ସମିସ):**

ଗୋପ ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଛି। ସାରଦା ଉନ୍ନୀତ ଉଚ୍ଚ

### ପୟରା ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

### ଡାଳିମ୍ବଗୋରଡ଼ା ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ

ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୌଭାଗିନୀ ପାତ୍ର ଗୋପ ବ୍ଲକର ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। କୋଣାର୍କ ଏନ୍ଏସିର ଡାଳିମ୍ବଗୋରଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବ୍ଲକର ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ଭାବରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛି। ଶୈକ୍ଷିକ ଭିତ୍ତିଭୂମିକୁ ପ୍ରଶଂସନୀୟ ଅବଦାନ କ୍ଷେତ୍ରରେ ଗୋପ ବ୍ଲକର ପୟରା ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ପ୍ରାଥମିକ ବିଦ୍ୟାଳୟସ୍ତରରେ ଦେସ୍ଥଳୀ କ୍ଲଷ୍ଟରର ପତିତପାବନ ନୋଡାଲ ଉ.ପ୍ରା. ସ୍କୁଲ ଓ ଦେସ୍ଥଳୀ ପ୍ରକଳ୍ପ ଉ.ପ୍ରା. ସ୍କୁଲ ଏବଂ ମାଧ୍ୟମିକ ବିଦ୍ୟାଳୟସ୍ତରରେ ହରିଶ୍ଚନ୍ଦ୍ର ମେମୋରିଆଲ ନୋଡାଲ ହାଇସ୍କୁଲ, ନିଗମାନନ୍ଦ ସରକାରୀ ହାଇସ୍କୁଲ ଓ ହନ୍ତସରାର ମା' ଭୁଆସୁଣୀ ହାଇସ୍କୁଲ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛନ୍ତି। ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟରର ଶିରିପୁର ଆଲୁମିନି କମିଟି ଗୋପ ବ୍ଲକର ଶ୍ରେଷ୍ଠ ଆଲୁମିନି କମିଟି ଭାବରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛି। ଏଥିସହ ହରିଶ୍ଚନ୍ଦ୍ର ମେମୋରିଆଲ ନୋଡାଲ ହାଇସ୍କୁଲର ପରିଚାଳନା କମିଟି ଏହି ପୁରସ୍କାର ଲାଭ କରିଛି। ପୁରୀ ଜିଲ୍ଲାସ୍ତରରେ ଗୋପ ବ୍ଲକରୁ ୧୮ଜଣ ଛାତ୍ରଛାତ୍ରୀ ଏବଂ ବ୍ଲକସ୍ତରରେ ୧୭୫ ଜଣ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ଗୋପ ଏବିଇଓ ପୁଷ୍ପମିତ୍ରା ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ପୁରୀ ଭୋଳାନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ରହି ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ବିଶ୍ୱଜିତ ଘୋଷ, ଏଡିଇଓ ହିମାଂଶୁ ଭୂଷଣ ସମରଥ, ଏଡିଇଓ ମମତା ମିଶ୍ର ଓ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ାଙ୍କଠାରୁ ପ୍ରମାଣପତ୍ର, '୫-ଟି' ଲୋଗୋ ଓ ଉପଢ଼ୌକନ ଗ୍ରହଣ କରିଛନ୍ତି। ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ବିଆର୍‌ସିସି ବେଣୁଧର ମଲ୍ଲିକ, ଏବିଇଓ ବିନୋଦିନୀ ମହାପାତ୍ର ଓ ଏବିଇଓ ଅଶୋକ କୁମାର ବେହେରା ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅନୁଷ୍ଠାନଗୁଡ଼ିକୁ ଶୁଭେଚ୍ଛା ଜଣାଇଛନ୍ତି।



# ନିର୍ମଳ କୁମାର ମିଶ୍ରଙ୍କୁ ଶ୍ରେଷ୍ଠ ଏଲିମେଣ୍ଟାରୀ ଶିକ୍ଷକ ପୁରସ୍କାର

**ନିମାପଡ଼ା, ୨୧।୨(ସମିସ):** ନିମାପଡ଼ା ଶିକ୍ଷାଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ରଙ୍କୁ ପୁରୀ ଜିଲ୍ଲା ନିମାପଡ଼ା ଶିକ୍ଷା ଜିଲ୍ଲାର ଶ୍ରେଷ୍ଠ ଏଲିମେଣ୍ଟାରୀ ଶିକ୍ଷକ ପୁରସ୍କାର ମିଳିଛି। ପୁରୀଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସମେତ ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାଶ, ଜିଲ୍ଲା ଶିକ୍ଷାଧିକାରୀ ଡଃ. ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଏଡିଇଓ ମମତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିମାପଡ଼ା ବ୍ଲକ ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ରଙ୍କୁ ମନ୍ତ୍ରୀ ଶ୍ରୀ ବେହେରା ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରାକ୍ଟିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏପରି ସଫଳତା ପାଇଁ ନିମାପଡ଼ା ଅଞ୍ଚଳର ଜନସାଧାରଣ ଉଚ୍ଚପ୍ରଶଂସା କରିଥିବା ବେଳେ ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଏବିଇଓ ସୌଦାମିନୀ ଦାଶ, ଏବିଇଓ ପ୍ରତିଭା ମହାନ୍ତି, ଏବିଇଓ ସିମନ୍ତ ଶେଖର ରଥଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭଶ୍ରୀ ବରାଳ, ପ୍ରଧାନ ଶିକ୍ଷକ ନିର୍ମଳ କୁମାର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଆଲୁମିନୀ ସଦସ୍ୟ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି।



# ନୟାଗଡ଼ ଜିଲ୍ଲା ପାଠାଗାର ଶିକ୍ଷା ଓ ସାହିତ୍ୟର ଭିନ୍ନ ଏକ ଗ୍ରନ୍ଥାଗାର





ନୟାଗଡ଼, ୨୧।୨(ସମିସ):

ନୟାଗଡ଼ ସହରରେ ରହିଥିବା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଭିତ୍ତିଭୂମିକୁ ଆକର୍ଷଣୀୟ କରିବା ହେଉ କିମ୍ବା ସହରର ସୌନ୍ଦର୍ଯ୍ୟୀକରଣକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ମୁଖଶାଳାକୁ ପୁନଃ ନିର୍ମାଣ କରିବା, ସବୁଥିରେ ନୟାଗଡ଼କୁ ଭିନ୍ନ କରିବା ପାଇଁ ପ୍ରୟାସ ଜାରି ରହିଛି। ନୟାଗଡ଼ରେ ଅନେକ ସାହିତ୍ୟ ଅନୁଷ୍ଠାନ ରହିଥିବା ବେଳେ ଅନେକ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟ ରହିଛି। ସବୁ ଅନୁଷ୍ଠାନକୁ ବିଧାୟକ ଡ. ଅରୁଣ କୁମାର ସାହୁ ଗୁରୁତ୍ୱ ଦେବା ସହ ଉଚ୍ଚ ଶିକ୍ଷିତ ତଥା ବରିଷ୍ଠ ନାଗରିକଙ୍କ ପାଇଁ ଅନେକ ଚିନ୍ତା କରିଥାନ୍ତି। ନୟାଗଡ଼ ଜିଲ୍ଲାରେ ଏକ ଅତ୍ୟାଧୁନିକ ତଥା ସୃଜନଶୀଳ ପାଠାଗାର ନିର୍ମାଣ ପାଇଁ ବିଧାୟକ ପରିକଳ୍ପନା କରିଥିଲେ। ବିଧାୟକଙ୍କ ପରିକଳ୍ପନାକୁ ବାସ୍ତବ ରୂପ ଦେବାକୁ ରାଜ୍ୟ ସରକାର ଅନୁମୋଦନ ଦେଲେ। ନୟାଗଡ଼ରେ ଶାନ୍ତ ପରିବେଶ ତଥା ଏକ ବ୍ୟବସ୍ଥିତ ପାଠାଗାର ନିର୍ମାଣ ପାଇଁ ଯୋଜନା ଆରମ୍ଭ ହୋଇଥିଲା। କରୋନା ମହାମାରୀ ସମୟରୁ ନୟାଗଡ଼ ପୁରୁଣା ସହରରେ ଅବ୍ୟବହୃତ ଅବସ୍ଥାରେ ରହିଥିବା ଟାଉନହଲକୁ ରୂପାନ୍ତରିତ କରି ଜିଲ୍ଲା ପାଠାଗାର ନିର୍ମାଣ କରାଯାଇଛି। ଏଠାରେ ପୂର୍ବରୁ ରହିଥିବା ଜିମ୍ ସେଣ୍ଟର ପାଇଁ ଅନ୍ୟ ଏକ ଗୃହ ନିର୍ମାଣ କରାଗଲା। ପୁରୁଣା ସହର ଯୁବକମାନେ ଏହି ଜିମ୍ ସେଣ୍ଟର ନିର୍ମାଣ ପାଇଁ ଆନ୍ତରିକତାର ସହ ସହଯୋଗର ହାତ ବଢ଼ାଇଥିଲେ। ତତ୍କାଳୀନ ଜିଲ୍ଲାପାଳଙ୍କ ପ୍ରଚେଷ୍ଟା ତଥା ପୌର ପରିଷଦ ତତ୍ତ୍ୱାବଧାନରେ ଜିଲ୍ଲା ପାଠାଗାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହେବା ସହ ଅବ୍ୟବହୃତ ଅବସ୍ଥାରେ ରହିଥିବା ଟାଉନ୍ ହଲ୍ ରୂପାନ୍ତରଣ କରାଗଲା। ଲାଇବ୍ରେରୀ ପାଇଁ ଆବଶ୍ୟକୀୟ ସରଞ୍ଜାମ, ବିଦ୍ୟୁତ୍ ବ୍ୟବସ୍ଥା, ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ କରାଯିବା ସହ ଟାଉନ ହଲକୁ ନୂଆରୂପ ଦିଆଯାଇଛି। ଏହା ସହିତ ପରିବେଶକୁ ପାଠକଙ୍କୁ ଆକୃଷ୍ଟ କରିବା ଭଳି ସମସ୍ତ ବ୍ୟବସ୍ଥା କରାଯାଇଛି। ଉକ୍ତ ପାଠାଗାରରେ ଗଳ୍ପ, କବିତା, ଉପନ୍ୟାସଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ଯୁବକଙ୍କ ପାଇଁ ଆବଶ୍ୟକୀୟ ପୁସ୍ତକ ବ୍ୟବସ୍ଥା ହୋଇଛି। ପାଠାଗାରକୁ ୪ଟି ପର୍ଯ୍ୟାୟରେ ବିଭକ୍ତ କରାଯିବା ସହିତ ଟାଉନହଲକୁ ଲାଗି ଅନ୍ୟ ଏକ କୋଠା ମଧ୍ୟ ନିର୍ମାଣ କରାଯାଇଛି। ଉକ୍ତ ସ୍ଥାନରେ ୨ଟି ହଲ୍ ଏବଂ ଟାଉନ ହଲ୍ ଉପର ଓ ତଳ ମହଲାକୁ ୨ଟି ଭାଗରେ ବିଭକ୍ତ କରାଯାଇଛି। ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରୁ ନୟାଗଡ଼ ଜିଲ୍ଲା ପାଠଗାର ଅନ୍ୟତମ ଏବଂ ଆକର୍ଷଣୀୟ ହୋଇପାରିଛି। ଏଥିପାଇଁ ବିଧାୟକଙ୍କ ସଂଗ୍ରାମ ଏବଂ ପରିକଳ୍ପନାକୁ ବୁଦ୍ଧିଜୀବୀ ସ୍ୱୀକାର କରିଛନ୍ତି। ଏହି ପାଠାଗାର ନିର୍ମାଣ ପାଇଁ ୧ କୋଟି ଟଙ୍କା ବ୍ୟୟ କରାଯାଇଥିବା ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି। ପାଠାଗାରକୁ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜଣେ ଲାଇବ୍ରେରିଆନ୍ ସହ ପୌର ପରିଷଦ କିଛି କର୍ମଚାରୀ ଏହି ଦାୟିତ୍ୱରେ ରହିଛନ୍ତି। ଏହା ସହିତ ଗୋଟିଏ ମିଶନ ଶକ୍ତି ଗୋଷ୍ଠୀକୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି। ପାଠାଗାର ପରିବେଶରକୁ ସ୍ୱଚ୍ଛ ରଖିବା ଏବଂ ସମସ୍ତ ଉପକରଣ ରକ୍ଷଣାବେକ୍ଷଣ କରିବା ପାଇଁ ଏହି ଏସଏଜି କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି।

## ନାତିର ବାଇକ୍‌ରୁ ଖସି ଜେଜେ ମୃତ

ଗଣିଆ, ୨୧।୨(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନାତିର ବାଇକରୁ ଖସି ପଡ଼ିବାରୁ ଜେଜେଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ନାତି ମଧ୍ୟ ଆହତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅନ୍ତର୍ଗତ ପାଣ୍ଡରାସିଂଗା ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ଇନ୍ଦିପାଟ ଗ୍ରାମର ସୁଦର୍ଶନ ବରାଳ। ନାତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ସୁଦର୍ଶନ ନାତି ସହ ବାଇକରେ ଗଣିଆ ଯାଉଥିଲେ। ବାଟରେ ହଠାତ୍‌ସରେ ଭାରସାମ୍ୟ ହରାଇ ବାଇକରୁ ଖସି ପଡ଼ିବାରୁ ଘଟଣାସ୍ଥଳରେ ସୁଦର୍ଶନଙ୍କର ମୃତ୍ୟୁ ଘଟିଥିଲା ବେଳେ ତାଙ୍କ ନାତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୁଦର୍ଶନଙ୍କ ଶବକୁ ପୁଲିସ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ବାଇକକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ଭାପୁର ହାଇସ୍କୁଲକୁ ଶ୍ରେଷ୍ଠ ମାନ୍ୟତା

ଭାପୁର, ୨୧।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଲୁଙ୍କେଶ୍ୱରଦେବ ଉଚ୍ଚ ବିଦ୍ୟାପୀଠ ବ୍ଲକର ଶ୍ରେଷ୍ଠ ହାଇସ୍କୁଲର ମାନ୍ୟତା ପାଇଛି। ଶିକ୍ଷା ବିଭାଗର ବିଭିନ୍ନ ମାନଦଣ୍ଡକୁ ଆଧାର କରି ବ୍ଲକର ୨୨ଟି ହାଇସ୍କୁଲ ମଧ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଛାତ୍ରଛାତ୍ରୀଙ୍କ ରେଜଲ୍ଟ, ଶିକ୍ଷାଦାନ ପାଇଁ ଆନୁସଙ୍ଗିକ ସୁବିଧା ସୁଯୋଗ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ମାନଦଣ୍ଡ ଭାବେ ଗଣନା କରାଯାଇଥାଏ। ଗତବର୍ଷ ଭାପୁର ହାଇସ୍କୁଲରୁ ଏ-୧ ଗ୍ରେଡରେ ୫ ଜଣ, ଏ-୨ ଗ୍ରେଡରେ ୧୭ ଜଣ ଓ ବି -୧ ଗ୍ରେଡରେ ୩୨ ଜଣ ଓ ବି-୨ ଗ୍ରେଡରେ ୨୮ ଜଣ କୃତକାର୍ଯ୍ୟ ହୋଇଥିଲେ। ମୋଟ କୃତକାର୍ଯ୍ୟ ସଂଖ୍ୟା ଶତକଡା ୯୮। ଭଲ ନମ୍ବର ରଖି ବ୍ଲକ ସ୍ତରରେ ୧୭ ଜଣ ଓ ଜିଲ୍ଲାରେ ୫ ଜଣ ଛାତ୍ରଛାତ୍ରୀ ସେମାନଙ୍କ ପରାକାଷ୍ଠା ପାଇଁ ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି। ସେମାନଙ୍କୁ ଜିଲ୍ଲାସ୍ତରରେ ଗୁରୁବାର ସମ୍ମାନିତ କରାଯିବ। ସେହିପରି ବାଲୁଙ୍କେଶ୍ୱରଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସ ବ୍ଲକର ଶ୍ରେଷ୍ଠ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟର ପରିଚାଳନା କମିଟି ଶ୍ରେଷ୍ଠ ପରିଚାଳନା କମିଟିର ମାନ୍ୟତା ପାଇଛି। ବିଦ୍ୟାଳୟର ମାନ ବୃଦ୍ଧି କରିଥିବା ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିକୁ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ପୌର ପରିଷଦରେ ପୂର୍ତ୍ତ ରାସ୍ତାର ବିକାଶ ଚିତ୍ର

## ୩୬ କୋଟି ଅନୁଦାନରେ ନିର୍ମାଣ ପାଇଁ ଶିଳାନ୍ୟାସ

ନୟାଗଡ଼, ୨୧।୨(ସମିସ): ନୟାଗଡ଼ ପୌର ପରିଷଦ ସମସ୍ତ ରାସ୍ତାଘାଟ ହେବ ଚକାଚକ। ନୟାଗଡ଼ ପିଟିଏସ୍‌ଠାରୁ ଜଗନ୍ନାଥ ମନ୍ଦିର ରାସ୍ତାର ହେବ ରୂପାନ୍ତରଣ। ଏହି ରାସ୍ତା ଚଉଡ଼ା ହେବା ସହ ନୂଆରୂପରେ ଝଲସିବ। ଏଥିପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ୧୬ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀ ବିହାର ରାସ୍ତା ଏବଂ ୧୯ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟରେ ପିଟିଏସ୍ ଜଗନ୍ନାଥ ମନ୍ଦିର ରାସ୍ତା ଉନ୍ନତିକରଣ ନେଇ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଦୁଇ ରାସ୍ତାର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ୧୬ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀ ବିହାରଠାରୁ ସାଇ ବିହାର, ମଧୁସୂଦନ ନଗର ଲେନ-୧ ଓ ୨, ଗଣପତି ନଗର, ଚନ୍ଦ୍ରଶେଖର ନଗର, ଜୟଦେବ ବିହାର, ବସୁନ୍ଧରା ବିହାର, ଅରବିନ୍ଦ ନଗର ଲୋନ-୧, ଅରବିନ୍ଦ ନଗର, ଗୋପବନ୍ଧୁ ନଗର, ଅରବିନ୍ଦ ନଗରବାରମାସୀ ଲେନ, ବିଦ୍ୟା ବିହାର, ପାତ୍ରୀ ବଏଜ୍ ହଷ୍ଟେଲ ଲେନ୍, ନିଳକଣ୍ଠ ବିହାର, ନାରାୟଣୀ ବିହାର, ବାରମାସି ଜୟଦେବ ବିହାର, ରେଭିନ୍ୟୁ କଲୋନୀ, ୟୁନିଟେକ୍ କଲେଜ ଲେନ, ତାରିଣୀ ନଗର, ସୁର ନଗର, ମାର୍ଥା କଲୋନୀ, ଷ୍ଟାଡିୟମ ଲେନ, ଶ୍ରୀରାମ ବିହାର, ସରସ୍ୱତୀ ବିହାର, ସୌଭାଗ୍ୟ ମଞ୍ଜରୀ ଲେନ ଏବଂ ଇରିଗେସନ ଲେନ ଏବଂ ଶାସ୍ତ୍ରୀ ନଗର ରାସ୍ତାର ଉନ୍ନତିକରଣ କାର୍ଯ୍ୟ ହେବ। ସେହିଭଳି ୧୯କୋଟି ୩୯ଲକ୍ଷ ବ୍ୟୟରେ ପିଟିଏସ ରୋଡଠାରୁ ଜଗନ୍ନାଥ ମନ୍ଦିର ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମଚରଣ ସାହୁ, ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସମେତ ବହୁ ଅଧିକାରୀ ଏବଂ ଜନପ୍ରତିନିଧି ଯୋଗଦେଇଥିଲେ। ନୟାଗଡ଼ କୋଏନ ଡାବା ନିକଟରେ ଅନୁଷ୍ଠିତ ସଭାରେ ବିଧାୟକ ଜିଲ୍ଲାର ବିକାଶ ଓ ଉନ୍ନତି ଉପରେ ବକ୍ତବ୍ୟ ଦେଇଥିଲେ। ଜାତୀୟ ରାଜପଥ ୫୭ଠାରୁ ହାଟଦ୍ୱାର, ମଙ୍ଗରାଜପୁର, ବିଶ୍ୱେଶ୍ୱରପୁର, ଖମାରସାହି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଆଜି ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟରେ ୨.୬ କିଲୋମିଟର ରାସ୍ତା ନିର୍ମାଣ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ କ୍ଷୀରୋଦ ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାସହିତ ନୟାଗଡ଼ ପୌରାଞ୍ଚଳ ଅଧୀନ ୧୨ ନଂ ୱାର୍ଡର ପଞ୍ଚମ ଲେନ୍‌ରେ ଆଜି ଏକ ଶିଶୁ ଉଦ୍ୟାନକୁ ଉଦଘାଟନ କରିଛନ୍ତି ବିଧାୟକ ଡ. ସାହୁ।

## 'ସମର୍ପଣ'ର ବାର୍ଷିକ ଉତ୍ସବ ଓ ପ୍ଲେ ସ୍କୁଲ ଉଦ୍‌ଘାଟିତ



ନୟାଗଡ଼ : ନୟାଗଡ଼ ଲେଖନପୁର ନିକଟରେ ଅବସ୍ଥିତ ସମର୍ପଣ ବୃଦ୍ଧାଶ୍ରମ ପରିସରରେ ଆଜି ଅନୁଷ୍ଠାନର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥି ସହିତ ସମର୍ପଣ ପ୍ଲେ ସ୍କୁଲର ଉଦ୍‌ଘାଟନୀ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ପ୍ରସନ୍ନ କୁମାର ବସନ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଅନୁଷ୍ଠାନର ସମ୍ପାଦକ ଶ୍ରୀଧର ସାହୁ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ. ସାହୁ ବୃଦ୍ଧାଶ୍ରମର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ନୟାଗଡ଼ ସହରରେ ଗଢ଼ି ଉଠିଥିବା ସମର୍ପଣ ବୃଦ୍ଧାଶ୍ରମ ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିଛି। ଏଥି ନିମନ୍ତେ ବହୁତ କଠିନ ପରିଶ୍ରମ କରିବାକୁ ପଡ଼ିଛି। ମୁଁ ସଦାସର୍ବଦା କାମରେ ବିଶ୍ୱାସ କରେ। ଆଗରେ ଗୋଟିଏ କଥା ଓ ପଛରେ ଗୋଟିଏ କଥା କହୁଥିବା ବ୍ୟକ୍ତିଙ୍କୁ ମୁଁ କେବେ ବିଶ୍ୱାସ କରେ ନାହିଁ ବୋଲି ଡ. ସାହୁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବୃଦ୍ଧାଶ୍ରମ ପାଇଁ ସହଯୋଗ କରି ଆସୁଥିବା ବିଭିନ୍ନ ବ୍ୟକ୍ତିଙ୍କୁ ଫୁଲ ଓ ଫଳ ଗଛ ବଣ୍ଟନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ନୟାଗଡ଼, ୨୧।୨(ସମିସ): ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଆଜି ଶେଷ ହୋଇଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ। ନୟାଗଡ଼ ବ୍ଲକ ଭାଟସାହି ପଞ୍ଚାୟତରୁ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ଆଜି ମୁଥାଗାଡ଼ିଆ ଗ୍ରାମ ପଞ୍ଚାୟତରେ ଶେଷ ହୋଇଛି। ନୟାଗଡ଼ ବ୍ଲକର ଚମ୍ପତିପୁର, ଗଦାଧରପ୍ରସାଦ, ସିନ୍ଦୁରିଆ ଓ ମୁଥାଗାଡ଼ିଆ ପଞ୍ଚାୟତ ସାମିଲ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଗଙ୍ଗାଧର ପଣ୍ଡା, ଜିଲ୍ଲା ପରିଷଦ କ୍ଷୀରୋଦ କୁମାର ମହାପାତ୍ର, ସୁବାଷ କଅଁର, ବିଡିଓ ପଦ୍ମ ଚରଣ ସାହୁ, ଅଜିତ୍ ପ୍ରସାଦ ସାହୁ, ମୁଥାଗାଡିଆ ସରପଞ୍ଚ ଶିବଶଙ୍କର ପ୍ରଧାନ, ସମିତିସଭ୍ୟ ଦିଲ୍ଲୀପ କୁମାର ହାତୀ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ନୟାଗଡ଼ ନିର୍ବାଚନମଣ୍ଡଳୀର ସମସ୍ତ ଜନ ସାଧାରଣଙ୍କର ସ୍ନେହ ଶ୍ରଦ୍ଧା ଏହି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଲା ବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦୦ ଟଙ୍କା ଅତିରିକ୍ତ ବୃଦ୍ଧି କରିଥିବାରୁ ଡ. ସାହୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ମିଶନ ଶକ୍ତିକୁ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଛନ୍ତି। ଡ. ସାହୁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ୪ ଗୋଟି ପଞ୍ଚାୟତର ବହୁ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ଏହି ଅବସରରେ ଚମ୍ପତିପୁର ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ଉଦଘାଟିତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଅମର ପ୍ରସାଦ ସାଥୁଆ, ସମିତିସଭ୍ୟ ପ୍ରଦୀପ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ।



**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିପିଓ ଅନିତ କୁମାର ବଡ଼ସେଠଙ୍କ ସଭାପତିତ୍ୱରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ସରପଞ୍ଚ କୀରଣବାଳା ସାହୁ, ସମିତି ସଭ୍ୟ ନିର୍ମଳ କୁମାର ତ୍ରିପାଠୀ, ନାଏବ ସରପଞ୍ଚ ନବକିଶୋର ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ରହି ନବୀନ ଓଡ଼ିଶାର ବିକାଶ ପ୍ରତ୍ୟେକ ଘରେ ଘରେ ପହଞ୍ଚିଥିବା ନିଜର ଅଭିଭାଷଣରେ କହିଥିଲେ। ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଆଜି ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ମିନତୀ ସାହୁ, ମନୋରଞ୍ଜନ ବେହେରା, ନାଏବ ସରପଞ୍ଚ କିଶୋର ଗୁରୁ, ଶିଖରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ, ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ସାଥୁଆ, ଗ୍ରାମ ସଭାପତି ହୃଷୀକେଶ ପରିଡ଼ା, ବରିଷ୍ଠ ନେତା ଭୀମସେନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍

ନୟାଗଡ଼, ୨୧।୨(ସମିସ): ନୟାଗଡ଼ ଜିଲ୍ଲାରେ ଜଣେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଯାହାକୁ ନେଇ ନୟାଗଡ଼ ସହର ତଥା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ପୂର୍ବରୁ ନୟାଗଡ଼ କଲେଜର ଜଣେ ଅଧ୍ୟାପକ ଟ୍ୟୁସନ୍ ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ବେଳେ ଅନ୍ୟଜଣେ ଅଧ୍ୟାପକଙ୍କ କଳା କେଳେଙ୍କାରୀକୁ ନେଇ ଚର୍ଚ୍ଚା ହୋଇଥିଲା। ଏବେ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଭିଡିଓ ଭାଇରାଲ୍ ପରେ ଜିଲ୍ଲା କଂଗ୍ରେସ ସଭାପତି ତଥା ଆଇନଜୀବୀ ରଣଜିତ ଦାଶ ଉଭୟ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯିବ ବୋଲି କହିଛନ୍ତି। ଦୁଇ ଜଣଙ୍କୁ ବହିଷ୍କାର ପାଇଁ ସେ ଦାବି କରିବା ସହ ପୁଲିସ ନିଜ ଆଡୁ ଅପରାଧିକ ମାମଲା ରୁଜୁ କରୁ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ମତାମତ ନେବାରେ, ଏହି ଘଟଣା ନଜରକୁ ଆସିଛି। ଭିଡିଓକୁ ନେଇ ଯାହା ଆଇନଗତ ପଦକ୍ଷେପ ଗ୍ରହଣ କରାଯିବା କଥା କରାଯିବ ବୋଲି କହିଛନ୍ତି।

### • ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍

## ୨୩ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ନୟାଗଡ଼, ୨୧।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାର ବିକାଶ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି।୨୦୨୧ ଅଗଷ୍ଟ ୯ ତାରିଖରେ କ୍ୟାବିନେଟ ମଞ୍ଜୁରୀ ପରେ ରାଜ୍ୟ ସରକାର ନୟାଗଡ଼ ଜିଲ୍ଲାରେ ୫ଟି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିବାକୁ ଘୋଷଣା କରିଥିଲେ। ନୟାଗଡ଼ ଜିଲ୍ଲା ଏବେ କ୍ରୀଡ଼ା କ୍ଷେତ୍ରରେ ଆଗୁଆ ହେବ ବୋଲି ଆଶା କରାଯାଉଛି। ନୟାଗଡ଼ ପୌରାଞ୍ଚଳ, ଓଡ଼ଗାଁ, ଦଶପଲ୍ଲା, ଖଣ୍ଡପଡ଼ା ଓ ରଣପୁର ଏନଏସିରେ ଇନଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ପ୍ରତ୍ୟେକ ସ୍ଥାନରେ ପୂର୍ତ୍ତ ବିଭାଗ ଏହାର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ୪ଟି ସ୍ଥାନରେ ନିର୍ମାଣ ଶେଷ ହୋଇଥିବା ଜଣାପଡ଼ିଛି। ଓଡ଼ଗାଁ ଏନଏସି, ଦଶପଲ୍ଲା ଓ ଖଣ୍ଡପଡ଼ା ଷ୍ଟାଡିୟମ ନିର୍ମାଣ ଶେଷ ହୋଇଯାଇଛି। ନୟାଗଡ଼ ପୌରାଞ୍ଚଳ ଅଧୀନସ୍ଥ ନୟାଗଡ଼ ଷ୍ଟାଡିୟମଠାରେ ୯ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ କାମ ଶେଷ ହୋଇଥିବା ଜଣାପଡ଼ିଛି। ରଣପୁରରେ କାର୍ଯ୍ୟ ଶେଷ ହୋଇ ନଥିବା ଜଣାପଡ଼ିଛି। ଜିଲ୍ଲାରେ ନିର୍ମାଣ କରାଯାଇଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କୁ ବେଶ ଉତ୍ସାହ ଦେବ। ଷ୍ଟାଡିୟମ ଗୁଡ଼ିକୁ କ୍ରୀଡ଼ା, ବିପର୍ଯ୍ୟୟ ଆଶ୍ରୟସ୍ଥଳ ଓ ଚିକିତ୍ସାଳୟ ଉପଯୋଗୀ କରାଯାଇଛି। ନିର୍ମାଣଶୈଳୀ ଏଭଳି କରାଯାଇଛି, ଯାହା କି ଘଣ୍ଟା ପ୍ରତି ୨୦୦ କିମି ପବନକୁ ସହ୍ୟ କରିପାରିବ। ବାତ୍ୟା, ବନ୍ୟା ସମୟରେ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯିବା ପାଇଁ ଯୋଜନା ରହିଛି। ଏତଦବ୍ୟତୀତ ପରୀକ୍ଷା କେନ୍ଦ୍ର, ସଭାସ୍ଥଳ, ତାଲିମ କାର୍ଯ୍ୟ ପାଇଁ ଏହି ଷ୍ଟାଡିୟମ ଉପଯୋଗୀ ହୋଇପାରିବ।



ଖେଳାଳିଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା, ଅଭ୍ୟାସ ପଡ଼ିଆ ସହ ରାତିରେ ଖେଳିବା ନିମନ୍ତେ ସ୍ପୋର୍ଟର୍ସ ଲାଇଟର ବ୍ୟବସ୍ଥା ମଧ୍ୟ ରହିଛି। ଷ୍ଟାଡିୟମ ମଧ୍ୟରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଚେସ ସମେତ ଶାରୀରିକ କସରତ, ଯୋଗ କରିବା ନିମନ୍ତେ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି। ଆସନ୍ତା ୨୩ ତାରିଖ ଅପରାହ୍ଣ ୪ଟା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଦ୍ୱାରା ନିର୍ମାଣ ସରିଥିବା ୪ଟି ବହୁମୁଖୀ ଇନଡୋର ଷ୍ଟାଡିୟମକୁ ନୟାଗଡ଼ବାସୀଙ୍କୁ ସମର୍ପିତ କରିବେ ବୋଲି ଜଣାପଡ଼ିଛି।

### ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

## ସଭାପତି, ସଭ୍ୟଙ୍କ ପାଇଁ ବୀମା ଓ ଭତ୍ତା ବ୍ୟବସ୍ଥା

• ପ୍ୟାକ୍ସ ସମ୍ପାଦକଙ୍କୁ ଡକାଯାଇନଥିବାରୁ ଅସନ୍ତୋଷ

• ମୃତ ବ୍ୟକ୍ତିଙ୍କ ନାଁରେ ଋଣ ଓଭରଡ୍ରାଫ୍ଟକୁ ନେଇ ଚିନ୍ତା

ନୟାଗଡ଼, ୨୧।୨(ସମିସ)




ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଆଜି ୬୫ ତମ ବାର୍ଷିକ ସାଧାରଣ ସଭା ଜିଲ୍ଲା ପରିଷଦ ସୃଜନ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଯୋଗଦେଇ ଯେଉଁ ସ୍ଥାନରେ କେହି ନାହିଁ, ସେଠି ସମବାୟ ଅଛି ବୋଲି କହିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ପ୍ରଶନ୍ନ କୁମାର ପାଲ, ନୟାଗଡ଼ ସମବାୟ ସମିତି ସମୂହ ନିବନ୍ଧକ ଅନନ୍ତ କୁମାର ନାୟକ, ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ, କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାପତି ମୌସୁମୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିବା ସହ କୁରାଳ ଅର୍ଥ ହଡ଼ପ ଘଟଣାରେ ନୟାଗଡ଼ ବିଧାୟକଙ୍କ ପ୍ରଚେଷ୍ଟାରେ ଜମାକାରୀ ଟଙ୍କା ଫେରି ପାଇବା ସମବାୟ ଉପରେ ଲୋକଙ୍କ ବିଶ୍ୱାସକୁ ଅତୁଟ ରଖିଲା ବୋଲି କହିଥିଲେ। ମହିପୁର ଶାଖା ପରିଚାଳକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଚାଷୀଙ୍କ ଋଣରୁ ବ୍ୟାଙ୍କ ୧୦ ପ୍ରତିଶତ ଅଂଶ ଧନ ରଖୁଥିବା ବେଳେ କାହିଁକି ପ୍ୟାକ୍ସ ୫ ପ୍ରତିଶତ ପ୍ରଦାନ କରାଯିବ ନାହିଁ ବୋଲି ପ୍ରଶ୍ନ ଉଠିଥିଲା। ଏହାକୁ ନେଇ ସଭ୍ୟ ତଥା ପ୍ୟାକ୍ସ ସଭାପତିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବରିଷ୍ଠ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ, ଏହି ପ୍ରସଙ୍ଗ ରାଜ୍ୟ ସରକାରଙ୍କ ପାଖରେ ବିଚାରଧିନ ରହିଥିବା କହିଥିଲେ। ଅନୁଷ୍ଠିତ ସାଧାରଣ ସଭାକୁ ସମ୍ପାଦକଙ୍କୁ ଡକା ଯାଇନଥିବାରୁ ସଭାପତିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯାହାକୁ ନେଇ ପ୍ରତି ବ୍ରାଞ୍ଚ ସ୍ତରରେ ସଭାପତି ଓ ସମ୍ପାଦକଙ୍କୁ ନେଇ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ମୃତ ବ୍ୟକ୍ତିଙ୍କ ନାମରେ ରହିଥିବା ଋଣ ଓଭର ଡ୍ରାଫ୍ଟ ହୋଇ ରହୁଥିବାବେଳେ ବ୍ୟାଙ୍କ ପ୍ୟାକ୍ସଠାରୁ ଏହାର ସୁଧ ଆଦାୟ କରୁଛି, ଏହା ପାଇଁ କୌଣସି ବ୍ୟବସ୍ଥା ଆପଣା ଯାଉନାହିଁ ବୋଲି ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏଥିପାଇଁ ଓଟିଏସ୍ ବ୍ୟବସ୍ଥା ଆପଣାଇବା ପାଇଁ ମତ ପ୍ରକାଶ ପାଇଥିଲା। ଏନେଇ ଆରବିଆଇ ଅନୁମତି ଆବଶ୍ୟକ ଥିବା ସଦସ୍ୟ ଶ୍ରୀ ପ୍ରଧାନ କହିଥିଲେ। ସେହିଭଳି ଭାବେ ଧାନ ମଣ୍ଡିରେ ମିଲରଙ୍କ ଜୁଲୁମ ଏବଂ ଆରଏମସି ସହଯୋଗ କରୁନଥିବା ନେଇ ସଭାପତିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହିତ ବୈଠକରେ ବ୍ୟାଙ୍କର ନିର୍ମାଣଧୀନ ମୁଖ୍ୟ ଫାଟକର ଖର୍ଚ୍ଚକୁ ଅନୁମୋଦନ କରାଯାଇଥିବା ବେଳେ ସଭାପତି ଓ ସଭ୍ୟଙ୍କ ପାଇଁ ବୀମା ଏବଂ ଭତ୍ତା ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଅତି ଚତୁରତାର ସହିତ ଏହି ପ୍ରସ୍ତାବକୁ ପାରିତ କରାଯାଇଛି। ୬୫ ବର୍ଷ ମଧ୍ୟରେ ବ୍ୟାଙ୍କକୁ ନିର୍ବାଚିତ ସଭାପତି ଓ ସଭ୍ୟମାନେ ଭତ୍ତା ପାଉନଥିବାବେଳେ ଚଳିତ ଥର ପ୍ରଥମ କରି ବ୍ୟବସ୍ଥା କରିବା ପାଇଁ ସାଧାରଣ ସଭାରେ ପ୍ରସ୍ତାବ ପାରିତ କରାଯାଇଛି। ଏହି ବୈଠକରେ ବାସନ୍ତୀ ରାଉତ, ଦୁର୍ଯ୍ୟୋଧନ ବେହେରା, ସୂର୍ଯ୍ୟନାରାୟଣ ସାହୁ, ଉପେନ୍ଦ୍ର କୁମାର ସାହୁ, ସଞ୍ଜୟ କୁମାର ଖୁଣ୍ଟିଆ, ପ୍ରଦୀପ କୁମାର ବେହେରା, ମାଧବ ଚନ୍ଦ୍ର ସାହୁ, ମହେଶ୍ୱର ବେହେରା, ସୂର୍ଯ୍ୟମଣୀ ସ୍ୱାଇଁ, ମନୋଜ କୁମାର ନାୟକ ଓ ସୁରପ୍ରିୟା ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ସମସ୍ତ ସମବାୟ ସମିତି ସଭାପତି ଯୋଗଦେଇଥିଲେ।

# ଖୋର୍ଦ୍ଧା ଜେଲ୍‌ରେ ପୁଲିସର ଖୋଳତାଡ଼

**ଖୋର୍ଦ୍ଧା, ୨୧।୨(ସମିସ):** ଖୋର୍ଦ୍ଧାରେ କିଛି ଦିନ ବ୍ୟବଧାନ ପରେ ପୁଣି ଆରମ୍ଭ ହୋଇଛି ନିଶା ମାଫିଆଙ୍କ ନିଶା ବେପାର। ଜେଲ୍ ଭିତରୁ ମିଳିଥିବା ଏକ ମୋବାଇଲ



କଲ୍ ରେକର୍ଡକୁ ଯାଞ୍ଚ କରି ପୁଲିସ ଏକ ବଡ଼ ରାକେଟକୁ ଠାବ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଆଜି ଖୋର୍ଦ୍ଧା ଜେଲ୍ ଭିତରେ ଚଢ଼ାଉ କରିଥିଲା। ଏସ୍‌ଡିପିଓ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ ଆଦର୍ଶ ଥାନାର ଅତିରିକ୍ତ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସମେତ ଏକ ଟିମ୍ ଜେଲ୍ ଭିତରେ ଚଢ଼ଉ କରିଥିଲେ। ବ୍ରାଉନସୁଗର କାରବାରରେ ଲିପ୍ତ ଅଭିଯୁକ୍ତ ମାନଙ୍କୁ କିଏ ଦେଖା କରିବାକୁ ଆସୁଛି, ସେମାନଙ୍କ ସମ୍ପର୍କରେ ଯାଞ୍ଚ କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ଏହି ଯାଞ୍ଚ କାର୍ଯ୍ୟ ଚାଲିଥିଲା। ଜେଲ୍ ସୁପରିଟେଣ୍ଡେଣ୍ଟ ଯାଞ୍ଚ ସମୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୯ ତାରିଖରେ ଜେଲ୍ ସୁପରିଟେଣ୍ଡେଣ୍ଟ ଜେଲ୍ କୋଠରୀରୁ ଏକ ମୋବାଇଲ ମିଳିବା ସମ୍ପର୍କରେ ଥାନାରେ ଲିଖିତ ସୂଚନା କରିଥିଲେ। ଏହି ସୂଚନାକୁ ଆଧାର କରି ମୋବାଇଲ ସିଜ୍ କରିଥିଲା ପୁଲିସ। ଗତକାଲି ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କାଟାରିଆ ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଜେଲ୍ ଭିତରେ ମୋବାଇଲ ଯୋଗେ ବ୍ରାଉନସୁଗାର କାରବାର ଧରାପଡ଼ିବା ପରେ ପୁଲିସ ବର୍ତ୍ତମାନ ଆକ୍ସନ ମୋଡ୍‌ରେ ପହଞ୍ଚିଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ୍ ବ୍ରାଉନସୁଗର କାରବାର ଉପରେ ରୋକ୍ ଲଗାଇବାକୁ ପଦକ୍ଷେପ ନେଇଛି। ଗତ ୪ ବର୍ଷର ତଥ୍ୟକୁ ତର୍ଜମା କଲେ ପୁଲିସ, ଅବକାରୀ ବିଭାଗ, ମୋବାଇଲ୍ ସ୍କ୍ୱାଡ୍ ମିଶି ଯେତିକି ମାମଲା ଧରପଗଡ଼ କଲେ ମଧ୍ୟ ଏହି ଧଳାଜହର ନିଶା ବେପାର କମିବାର ନାଁ ଧରୁନି।

# ସଂକୀର୍ତ୍ତନ କଳାକାରଙ୍କ ଚିହ୍ନଟ ପାଇଁ ବିଡିଓଙ୍କୁ ଦାବିପତ୍ର



**ବୋଲଗଡ଼, ୨୧।୨(ସମିସ):** ସଂକୀର୍ତ୍ତନ କଳାକାରମାନଙ୍କୁ ସ୍ୱଚ୍ଛତାର ସହିତ ଚିହ୍ନଟ କରାଯାଇ ସେମାନଙ୍କୁ କଳାକାରର ମାନ୍ୟତା ପ୍ରଦାନ ପାଇଁ ଆଜି ବୋଲଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ବାସୁଦେବ ଭଞ୍ଜଙ୍କ ନେତୃତ୍ୱରେ ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର କର୍ମକର୍ତ୍ତା ସଂକୀର୍ତ୍ତନ କଳାକାର ମାନଙ୍କୁ କଳାକାର ମାନ୍ୟତା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଆଲୋକ ଜେନା ଉକ୍ତ ଦାବିପତ୍ର ଗ୍ରହଣ କରିଥିଲେ। ସଂଗଠନର ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଷୋୟୀ, ସମ୍ପାଦକ ସୁଦର୍ଶନ ଚମ୍ପତି, କୋଷାଧ୍ୟକ୍ଷ ପ୍ରସନ୍ନ ବଡ଼ଜେନା, ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ସୁଶାନ୍ତ ସାହୁ ଆଲୋଚନା କରିଥିଲେ। ବୋଲଗଡ଼ ବ୍ଲକର ବିରଞ୍ଚି ନାରାୟଣ ମହାପାତ୍ର, ଲକ୍ଷ୍ମୀଧର ବେହେରା, ଦୁଃଖିଶ୍ୟାମ ଲେଙ୍କା, କାଶୀନାଥ ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ମୁରଲୀଧର ସାହୁ, ନାରାୟଣ ସାହୁ, ବିଚିତ୍ର ସାହୁ, ବେଣୁଧର ଜେନା, ପ୍ରଶାନ୍ତ କୁମାର ଦାସ, ହିରଣ୍ୟ ବଡ଼ଜେନା, ବସନ୍ତ ମହାପାତ୍ରଙ୍କ ସମେତ ଶତାଧିକ ସଂକୀର୍ତ୍ତନ କଳାକାର ବୋଲଗଡ଼ ବ୍ଲକ ଅଫିସଠାରେ ଏକତ୍ରିତ ହୋଇ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଆସ୍କାଫର୍ଟି ଜବତ; ଜଣେ ଗିରଫ



**ଜଟଣୀ, ୨୧।୨(ସମିସ):** ଜଟଣୀ ଥାନା ପାଟ୍ରୋଲିଂ ଟିମ୍ ଜଟଣୀ ରାଜା ବଜାର ମାଛ ମାର୍କେଟ୍‌ରେ ଅତର୍କିତ ଚଢ଼ଉ କରି ବେଆଇନ ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ରାଜାବଜାର ଅଞ୍ଚଳର ରମେଶ ପଟ୍ଟନାୟକକୁ ପୁଲିସ ଗିରଫ କରିଛି। ପୁଲିସ ତା' ନିକଟରୁ ୧୨, ୪୦୦ ଲିଟର ଦେଶୀ ଆସ୍କାଫର୍ଟି ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରାଯାଇଛି।

● ଗାଡ଼ି ଯାଞ୍ଚ କଡ଼ାକଡ଼ି

# ୧୦ ହଜାର ଜରିମାନା ଆଦାୟ

**ନିରାକାରପୁର, ୨୧।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ଅନ୍ୟ ପୁଲିସ କର୍ମଚାରୀମାନେ ପଦ୍ମପୁର ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତିରେ ଗାଡ଼ିମଟର ଯାଞ୍ଚ କରିଥିଲେ। ହେଲମେଟ ସହ ଗାଡ଼ି କାଗଜପତ୍ର ଯାଞ୍ଚ କରାଯାଇଥିଲା। ପ୍ରାୟ ୨୦ଟି ଗାଡ଼ିରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି।



## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ

# ଖୋର୍ଦ୍ଧା ଜିଲ୍ଲାର ୧୭ ୯ ୮ ପୁରସ୍କୃତ







**ଖୋର୍ଦ୍ଧା/ଭୁବନେଶ୍ୱର, ୨୧।୨(ସମିସ)**

ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ବୁଧବାର କ୍ୟାପିଟାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୭୯୮ଟି ପୁରସ୍କାର ବିତରଣ କରାଯାଇଛି। ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ସମସ୍ତ ବିଦ୍ୟାର୍ଥୀ, ପ୍ରଧାନଶିକ୍ଷକ, ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି, ଆଲୁମିନି କମିଟି, ପଞ୍ଚାୟତ, ବ୍ଲକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ପୁରସ୍କୃତ କରାଯାଇଛି।

ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଭୁବନେଶ୍ୱର ଉପଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଛନ୍ତି। କଠିନ ପରିଶ୍ରମ କରି ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଶୃଙ୍ଖଳା ଓ ଗୁରୁଜନଙ୍କୁ ସମ୍ମାନ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି।

ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ବ୍ୟକ୍ତି ଓ ସଂଗଠନକୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଜ୍ୟ ସରକାରଙ୍କ ଏକ ଅଭିନବ କାର୍ଯ୍ୟକ୍ରମ। ଶିକ୍ଷାକ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗତ ଜାନୁଆରୀ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ବହୁ ଅନୁଷ୍ଠାନ ଓ ସଫଳ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରିଛନ୍ତି।

# ମା' ମଙ୍ଗଳା କ୍ରିକେଟ୍: ଜରିପଡ଼ା ଚାମ୍ପିଅନ

**ଖୋର୍ଦ୍ଧା, ୨୧।୨(ସମିସ) :** ଖୋର୍ଦ୍ଧା ଉପକଣ୍ଠ ଉଜଳା ଗୋପୀନାଥପୁର ଖେଳ ପଡ଼ିଆରେ ଚାଲିଥିବା ମା' ମଙ୍ଗଳା କ୍ରିକେଟ ପ୍ରତିଯୋଗିତାର ବୁଧବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଉଜଳାଗୋପୀନାଥପୁର ବନାମ ଜରିପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଜରିପଡ଼ା ଦଳ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ୧୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଉଜଳାଗୋପୀନାଥପୁର ଦଳ ୧୪ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଚଳିତବର୍ଷ ଜରିପଡ଼ା ଚାମ୍ପିଅନ ହୋଇଥିଲା। ରଞ୍ଜିତ ପରିଡ଼ା ଓ ବିଭୂତିଭୂଷଣ ସାମନ୍ତରାୟ ଖେଳ ପରିଚାଳନା



କରିଥିଲେ। ନିରଞ୍ଜନ ପ୍ରଧାନ, ବିକାଶ ପରିଡ଼ା ଏବଂ ସଞ୍ଜୁ ପରିଡ଼ା ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳର ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥି, ପ୍ରଭାକର ରାଉତରାୟ ଏବଂ ସୂର୍ଯ୍ୟମଣୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ବିଜେତା ଓ ଉପବିଜେତା ଦଳକୁ ଅନୁଷ୍ଠାନ ପକ୍ଷରୁ ଟ୍ରଫିସହ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସାନୁଜ ପରିଡ଼ା ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ଟ୍ରାକ୍ଟର୍ ଓ ଜେସିବି ଜବତ; ୪ ଗିରଫ

**ବାଲୁଗାଁ, ୨୧।୨(ସମିସ):** ବେଆଇନ ମୋରମ ଚାଲାଣ ଉପରେ ଜିଲ୍ଲା ପ୍ରଶାସନ ଅଙ୍କୁଶ ଜାରି କରିଥିବା ବେଳେ ଏହାକୁ ଖାତିର ନକରି ଖଣି ମାଫିଆ ମୋରମ ଓ ମାଙ୍କଡ଼ା ପଥର ଲୁଟ୍ କରି ଚାଲିଛନ୍ତି। ଏପରିସ୍ଥଳେ ସନ୍ଧ୍ୟାରେ ସୋଲରୀସ୍ଥିତ ଶାମୁକା ପାହାଡ଼ ପାଦଦେଶରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା





ନେଇ ପୁଲିସ୍‌କୁ ସୂଚନା ମିଳିଥିଲା। ବାଲୁଗାଁ ଥାନାଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ୧୬ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଛକରେ ଛକି ରହିଥିଲେ। ମୋରମ ବୋଝେଇ ହୋଇ ଆସୁଥିବା ୩ଟି ଟ୍ରାକ୍ଟର ଏବଂ ଖଣିରେ ଥିବା ଏକ ଜେସିବିକୁ ପୁଲିସ୍ ଜବତ କରିବା ସହ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା। ସମସ୍ତ ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ଏବଂ ନାଚୁଣୀ ଅଞ୍ଚଳର ପ୍ରଦୀପ ବେହେରା, ରମେଶ ଜେନା, ଦିଲ୍ଲୀପ ପଲେଇ ଏବଂ ରାଜକୁମାର ବେହେରା। ବାଲୁଗାଁ ପୁଲିସ୍ ଏ ସଂକ୍ରାନ୍ତରେ ପୃଥକ ଭାବେ ତିନିଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କଲମଛାଡ଼ ଆନ୍ଦୋଳନ

**ଜଟଣୀ, ୨୧।୨(ସମିସ):** ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ୬ଦଫା ଦାବି ନେଇ ସୋମବାରଠାରୁ କାର୍ଯ୍ୟବନ୍ଦ ଅନ୍ଦୋଳନ ଆରମ୍ଭ ହୋଇଛି। କର୍ମଚାରୀ ମାନେ ଜଟଣୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ



ଭାବେ ଧାରଣା ଦେଇଛନ୍ତି। ସଂଘ ଦାବି କରିଛି ଯେ, କ୍ୟାଡର୍ ପୁନର୍ଗଠନ କରି ସରକାର ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବା, ରାଜସ୍ୱ ସୁପରଭାଇଜର ମାନଙ୍କୁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପ୍ରଦାନ କରିବା, ବର୍ଦ୍ଧିତ ହାରରେ ବେତନ ପ୍ରଦାନ କରିବା, ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା, କୃଷି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କୃଷି ବିଭାଗକୁ ତୁରନ୍ତ ହସ୍ତାନ୍ତର କରିବା ଭଳି ଦାବି କରାଯାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ କଲମଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବାଲିପାଟପୁର ପଞ୍ଚାୟତରେ ଭତ୍ତା ବଣ୍ଟନ

**ଭୂଷଣ୍ଡପୁର/କାଲୁପଡ଼ାଘାଟ, ୨୧।୨(ସମିସ) :** ଟାଙ୍ଗୀ ବ୍ଲକ ଚିଲିକା ତଟବର୍ତ୍ତୀ ଅଞ୍ଚଳ ବାଲିପାଟପୁର ପଞ୍ଚାୟତରେ ବୁଧବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବାଲିପାଟପୁର ପଞ୍ଚାୟତର ୯୪୩ ଜଣ ବିଧବା ବୃଦ୍ଧ ଓ ଭିନ୍ନକ୍ଷମ ଭତ୍ତା ପାଉଥିବା ବେଳେ ବର୍ତ୍ତମାନ ନୂତନ ଭାବେ ୬୫ ଜଣ ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ବର୍ତ୍ତମାନ ସରକାର ଘୋଷଣା କରିଥିବା ବର୍ଦ୍ଧିତ ଭତ୍ତା ପାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଭାବି ବେହେରା, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ ଓ ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ବେହେରା ପ୍ରମୁଖ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏଥିରେ ପିଇଓ ଅମୂଲ୍ୟ କୁମାର ଭୋଇ, ଜିଆର୍‌ଏସ୍ ଗୋପାଳ ରାଉତରାୟ ଏବଂ ଯୋଗାଣ ସହାୟକ ତପନ କୁମାର ସେନ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**କାଲୁପଡ଼ାଘାଟ, ୨୧।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଜରିପଡ଼ା ପଞ୍ଚାୟତରେ ଚିଲିକା କୈବର୍ତ୍ତ ଯୁବ ମଞ୍ଚ କାଲୁପଡ଼ାଘାଟ ପକ୍ଷରୁ ପାଣିଦୁଆର ଖେଳ ପଡ଼ିଆରେ ପାଣିଦୁଆର ପ୍ରିମିୟର ଲିଗ୍ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଠାକୁର ପ୍ରଭୁ ରାମେଶ୍ୱରଦେବ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ଆଜ୍ଞାମାଳକୁ ଆୟୋଜକ ସଙ୍ଘର କର୍ମକର୍ତ୍ତାମାନେ ଆଣିଥିଲେ। ଆଜ୍ଞାମାଳ ପଡ଼ିଆରେ ସ୍ଥାପନ ହେବାପରେ ଖେଳ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ଝାରସୁଗୁଡ଼ାର ବଜରଙ୍ଗୀ ୱାରିଆରକୁ ଭେଟିଥିଲା କେନ୍ଦ୍ରାପଡ଼ାର ମହାବୀର-୧୧ ଟିମ୍। ଏଥିରେ ବଜରଙ୍ଗୀ ୱାରିଆର ବିଜୟୀ ହୋଇଥିଲା। ଏହି ଅବସରରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ସମ୍ପାଦକ ଦିଲୀପ କୁମାର ବେହେରା, ଜିଲ୍ଲାପରିଷଦ ସଭ୍ୟଙ୍କ ପ୍ରତିନିଧି କୈଳାସ ବେହେରା ଓ ଆରତୀ ଘଡ଼େଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଜଟଣୀ, ୨୧।୨(ସମିସ):** ଅଗ୍ନିଶମ ବିଭାଗର କର୍ମଚାରୀମାନେ ଦୁଇ ଦଫା ଦାବିନେଇ ଆଜି ପୂର୍ବାହ୍ନଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ପୁଲିସ ସହ ସମାନ ଦରମା ଏବଂ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ପଞ୍ଜୀକରଣ ଆଦି ଦୁଇଟି ମୁଖ୍ୟ ଦାବିରେ କର୍ମଚାରୀମାନେ ଧାରଣାରେ ବସିଥିଲେ। ଅନ୍ୟପଟେ ଏହି ଆନ୍ଦୋଳନ ଚାଲିଥିବା ସମୟରେ ଜଟଣୀ ନିକଟସ୍ଥ ଯମୁନା ଗ୍ରାମରେ ଆକସ୍ମିକ ପାଳଗଦାରେ ନିଆଁ ଲାଗିଯାଇଥିଲା। ଆନ୍ଦୋଳନକାରୀଙ୍କ ମଧ୍ୟରୁ ଗାଡ଼ିଚାଳକ ଓ ଆଗ୍ନିକ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ପରିଷଦ ଗଠିତ

**ବାଣପୁର, ୨୧।୨(ସମିସ)**

ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରର ସୁରକ୍ଷା ସହିତ ଜଗନ୍ନାଥ ଧର୍ମ, ଐତିହ୍ୟ, ସଂସ୍କୃତି, ଚେତନାର ପ୍ରଚାର ପ୍ରସାରର ଲକ୍ଷ୍ୟ ରଖି କାଙ୍କଣ ଶିଖରୀ ଲୀଳାକ୍ଷେତ୍ର ଟ୍ରଷ୍ଟର ମୁଖ୍ୟ ଡା. ସୁଶାନ୍ତ କୁମାର ସାହୁଙ୍କ ଆବାହକତ୍ୱ ଏବଂ ଭାଟପଡ଼ା ଗଡ଼ ଦଳବେହେରା ମାନବେନ୍ଦ୍ର ମହାରଥାଙ୍କ ସଭାପତିତ୍ୱରେ ପ୍ରଥମ ଥର ପାଇଁ ବାଣପୁର ଭାଟପଡ଼ା ଗଡ଼ ଠାକୁର ଦଧିବାମନ ଜୀଉଙ୍କ ମନ୍ଦିର ପରିସରରେ ଆୟୋଜିତ ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଓ ଚିଲିକା ମଣ୍ଡଳସ୍ଥିତ ସମସ୍ତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପ୍ରମୁଖ ପ୍ରତିନିଧିମାନଙ୍କୁ ନେଇ 'ଶ୍ରୀ ଜଗନ୍ନାଥ ମନ୍ଦିର



ସମନ୍ୱୟ ପରିଷଦ' ଗଠିତ ହୋଇଯାଇଛି। ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ଉଭୟ ମଣ୍ଡଳସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପ୍ରମୁଖ ମାନେ ଯୋଗ ଦେଇ ନିଜ ନିଜ ଅଞ୍ଚଳରେ ଥିବା ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ନବଗଠିତ ସମନ୍ୱୟ ପରିଷଦ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାଗୁଡ଼ିକର ସ୍ଥାୟୀ ପ୍ରତିକାର କରାଯାଇ ପାରିବ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ନବଗଠିତ ଏହି ପରିଷଦରେ ସଭାପତି ଭାବେ ଡା. ସୁଶାନ୍ତ କୁମାର ସାହୁ, ଉପସଭାପତି ଭାବେ ଦାଶରଥି ସାହୁ ଓ ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଭାବେ ବାଳମୁକୁନ୍ଦ ଦାସ, କୋଷାଧ୍ୟକ୍ଷ ଭାବେ ସତ୍ୟେନ୍ଦ୍ର କୁମାର ସ୍ୱାଇଁ, ସହ କୋଷାଧ୍ୟକ୍ଷ ଭାବେ ବିଭୁଧେନ୍ଦୁ କେଶରୀ ଭୋଳ ଓ ଉପଦେଷ୍ଟା ଭାବେ ମାନବେନ୍ଦ୍ର ମହାରଥା, ନୃସିଂହ ପ୍ରସାଦ ମିଶ୍ର, ବାବା ପଦ୍ମପାଦ ଦାସ, ହାଡ଼ିବନ୍ଧୁ ପଟ୍ଟନାୟକ, ଗୌରୀ ଶଙ୍କର ରଥ ଶର୍ମା, ସୁରେନ୍ଦ୍ର ନାଥ ଜଗଦେବ ଓ ମଧୁସୂଦନ ସେନାପତି ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ପ୍ରଦୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କୁହୁଡ଼ି ସାନକୋଠୀଙ୍କ କଳସ ଯାତ୍ରା

**କୁହୁଡ଼ି, ୨୧।୨(ସମିସ):** ଶ୍ରୀଚଣ୍ଡୀହର ଦେବଙ୍କ କୁହୁଡ଼ି ସାନକୋଠୀର ପାଟଦଣ୍ଡରେ ବିଜେ ରୌପ୍ୟ କଳସ ପ୍ରତିଷ୍ଠା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରେ ପୁଷ୍କରିଣୀରୁ ଜଳକଳସ ଶୋଭାଯାତ୍ରା ଅଣାଯିବା ପରେ ବୈଦିକ ନିତିକାନ୍ତି ଅନୁଯାୟୀ ସୂର୍ଯ୍ୟପୂଜା ଓ ଗୋପୂଜା ଆଦି କରାଯାଇଥିଲା। ନୂତନ ବିଗ୍ରହଙ୍କର ଚକ୍ଷୁଦାନ ପରେ ଅଷ୍ଟାଦଶ କଳସ ସ୍ନାନ କରାଯାଇଥିଲା। ନୂତନ ପାଟଦଣ୍ଡ କଳସକୁ ନିଦ୍ରାଘାଟରୁ ଉତ୍ଥାପନ ପରେ ଓଷଣା ସାମନ୍ତ ବିନାୟକ ମହାପାତ୍ରଙ୍କ ଦ୍ୱାରା ନ୍ୟାସ କରାଯାଇ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ଅନନ୍ତ ମାନସିଂହ, ସୁରେନ୍ଦ୍ର ପ୍ରଧାନ, କୃଷ୍ଣ ସୁବୁଦ୍ଧି, ଗୁଲୁ ଚମ୍ପତୀ, ମିଟା ହରିଚନ୍ଦନ, ଚୈତନ୍ୟ ବରାଡ ଓ ବସନ୍ତ ହରିଚନ୍ଦନ ପ୍ରମୁଖ ରହି କାର୍ଯ୍ୟ ସମ୍ପନ୍ନ କରିଥିଲେ।

# ରଘୁନାଥଙ୍କ ମନ୍ଦିରରେ ଅଷ୍ଟପ୍ରହରୀ

**ଟାଙ୍ଗୀ/ଭୂଷଣ୍ଡପୁର, ୨୧।୨(ସମିସ):** ଟାଙ୍ଗୀ ବ୍ଲକ ଅଧୀନସ୍ଥ ବାଲିପାଟପୁର ପଞ୍ଚାୟତ ଦେଉଳସାହି ଓ ଚନ୍ଦନ ସାହିର



ରଘୁନାଥଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ବୈଷ୍ଣବ କୃଷ୍ଣଚନ୍ଦ୍ର ଦାସଙ୍କ ମଙ୍ଗଳ ଆରତି ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଅହୋରାତ୍ର ଚାଲିଥିଲା ଏହି ନାମସଂକୀର୍ତ୍ତନ। ଭଜାଗଡ଼, ନିଳାଦ୍ରୀପୁର ଓ କୁମାରବସ୍ତରୁ ସଂକୀର୍ତ୍ତନ ଗାୟକମାନେ ଏଥିରେ ଯୋଗଦେଇ ଉଚ୍ଚ ପ୍ରଶଂସିତ ହୋଇଥିଲେ। ବୁଧବାର ପ୍ରତ୍ୟୁଷରେ ଏହି ସଂକୀର୍ତ୍ତନ ଶେଷ ହୋଇଥିଲା। ଅଷ୍ଟପ୍ରହରୀ ଦେଖିବା ପାଇଁ ଆଖପାଖର ଅନେକ ସାଧୁ, ବୈଷ୍ଣବଙ୍କ ସହିତ ସାଧାରଣ ଜନତାଙ୍କର ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଧିରେନ୍ଦ୍ର ନରେନ୍ଦ୍ର, ଲକ୍ଷ୍ମୀଧର ପଲାଇ, ତ୍ରିଲୋଚନ ମହାରଣା, ଶରତ ଚନ୍ଦ୍ର ପଲାଇ, କାଶୀନାଥ ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

